RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -35 ସଂଖ୍ୟା-୩୫
ଭୁବନେଶ୍ୱର, ସୋମବାର ୧୩ ଏପ୍ରିଲ୍ ୨୦୨୬
Bhubaneswar, Monday 13 April, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପ୍ରଖ୍ୟାତ ଗାୟିକା ଆଶା ଭୋସଲେଙ୍କ ପରଲୋକ

**ମୁମ୍ବାଇ,୧୨।୪(ନି.ପ୍ର.):** ସଙ୍ଗୀତ ଜଗତ ପାଇଁ ବଡ ଝଟକା । ନିଜର ସୁମଧୁର ସ୍ୱରରେ ଶ୍ରୋତାଙ୍କ ମନ ମହୁଥିବା ଏବଂ ଶାସ୍ତ୍ରୀୟ ସଙ୍ଗୀତର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କ ପରଲୋକ ଘଟିଛି । ୯୨ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ପ୍ରଖ୍ୟାତ ଗାୟିକା । ହୃଦଘାତ ଓ ଫୁସଫୁସ ସଂକ୍ରମଣ କାରଣରୁ ଶନିବାର ତାଙ୍କୁ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ରବିବାର ସକାଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା

## ୯୨ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ

## ୧୨ ହଜାରରୁ ଅଧିକ ଗୀତ ଗାଇଛନ୍ତି ଭୋସଲେ

## ଗ୍ରାମୀ ଆୱାର୍ଡ ପାଇଁ ମନୋନୀତ ହେବାରେ ପ୍ରଥମ ଭାରତୀୟ ସିଙ୍ଗର

ସଙ୍କଟାପନ୍ନ ଥିଲା । ଆଉ ଦୁନିଆକୁ ଅଲବିଦା କରି ଚାଲିଗଲେ ସ୍ୱରର ସାଗର ଆଶା ଭୋସଲେ । ତାଙ୍କ ବିୟୋଗରେ ବଲିଉଡ ଓ ସଙ୍ଗୀତ ଜଗତରେ ଶୋକର ମାହୋଲ ଖେଳି ଯାଇଛି । ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ନିଧନରେ ଶୋକ ବ୍ୟକ୍ତ କରୁଛନ୍ତି ।

ଆସନ୍ତାକାଲି ଶିବାଜୀ ପାର୍କରେ ଆଶାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ । ଆଶାଙ୍କ ପୁଅ ଆନନ୍ଦ ଭୋସଲେ ଗାୟିକାଙ୍କ ପରଲୋକ ଖବରକୁ ନିଶ୍ଚିତ କରିଛନ୍ତି । ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ତାଙ୍କର ଅନ୍ତିମ ସଂସ୍କାର ଆସନ୍ତାକାଲି ଅପରାହ୍ନ ୪ଟାରେ କରାଯିବ । ତାଙ୍କ ପ୍ରଶଂସକମାନେ ଆସନ୍ତାକାଲି ସକାଳ ୧୧ଟାରେ ଲୋୟର ପାରେଲର କାସା ଗ୍ରାଣ୍ଡେ ଠାରେ ତାଙ୍କ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଦେଇପାରିବେ । ତାଙ୍କର ଅନ୍ତିମ ସଂସ୍କାର ଆସନ୍ତାକାଲି ସନ୍ଧ୍ୟା ୪ଟାରେ ଶିବାଜୀ ପାର୍କରେ କରାଯିବ ବୋଲି କହିଛନ୍ତି ଆନନ୍ଦ ।



ଆଶା ଭୋସଲେଙ୍କୁ ଦାଦା ସାହେବ ଫାଲକେ ଓ ଦେଶର ଦ୍ୱିତୀୟ ସବୁଠୁ ବଡ ନାଗରିକ ସମ୍ମାନ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ତାଙ୍କ ନାତୁଣୀ ଜନାଇ ଭୋସଲେ ଏହାର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଜେଜେ ମାଆ ଆଶା ଭୋସଲେ ଅଧିକ ଦୁର୍ବଳ ହେବା କାରଣରୁ ଛାତିରେ ସଂକ୍ରମଣଜନିତ ସମସ୍ୟା ଦେଇ ଗତି କରୁଥିଲେ । ଶନିବାର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।

ଏକ ବାର୍ତ୍ତାଳାପ ସମୟରେ ଆଶା ଭୋସଲେ କହିଥିଲେ, ଯେତେବେଳେ ତାଙ୍କ ବଡ଼ ଭଉଣୀ ଲତା ମଙ୍ଗେସକର ବଞ୍ଚିଥିଲେ, ସେ ମନ୍ତବ୍ୟ ଦେଇଥିଲେ ଯେ ଏବେ, ଆମେ କେବଳ ଦୁଇଜଣ ଏ ହିନ୍ଦୀ ସିନେମା ଜଗତର 'ଶେଷ ମୋଗଲ' ବାକି ରହିଛୁ ।' ଏହା ପରେ ଲତା ଦିଦିଙ୍କ ଦେହାନ୍ତ ପରେ, ଆଶା ତାଇ ମଧ୍ୟ ସେହି ଚମତ୍କାର ସଙ୍ଗୀତ ଯୁଗର ଏକମାତ୍ର ଜୀବିତ 'ମୋଗଲ' ଭାବରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ବଲିଉଡରେ ଏତେ କାହାଣୀ ରହିଛି ଯଦି ସେ କହିବାକୁ ବସିବେ ତାହା ହେଲେ ୩ରୁ ୪ଦିନ ସମୟ ଲାଗିଯିବ । ସେ ବଲିଉଡ୍ ବିଷୟରେ ସବୁ କିଛି ଜାଣିଛନ୍ତି । ଭୋସଲେ କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କ ଛୋଟ ଭଉଣୀ । ସେ ବିଭିନ୍ନ ଭାରତୀୟ ଭାଷାରେ ୧୨ ହଜାରୁ ଊର୍ଦ୍ଧ୍ୱ ଗୀତ ଗାଇଛନ୍ତି । ପଦ୍ମିନୀ ଏବଂ ବୈଜୟନ୍ତୀମାଳାଙ୍କ ପରି ଦକ୍ଷିଣ ଭାରତୀୟ ଅଭିନେତ୍ରୀଙ୍କଠୁ ନେଇ ମୀନା କୁମାରୀ, ମଧୁବାଳା, ଜୀନତ ଅମାନ, କାଜଲ, ମାଧୁରୀ ଦୀକ୍ଷିତ ସହିତ ଅନେକ ପ୍ରମୁଖ ଅଭିନେତ୍ରୀଙ୍କୁ ସ୍ୱର ଦେଇଛନ୍ତି ଆଶା ଭୋସଲେ ।

ଭୋସଲେଙ୍କ କିଛି ଲୋକପ୍ରିୟ ଗୀତ ମଧ୍ୟରେ ଚୁରା ଲିୟା ହେ ତୁମନେ ଜୋ ଦିଲକୋ, ଅଭି ନା ଯାଓ ଛୋଡକର, ଇନ୍ତହା ହୋ ଗଇ ଇନ୍ତଜାର କି ଆଦି ସାମିଲ । ସେ ୨୦୨୩ରେ ନିଜର ଜନ୍ମଦିନ ଉପଲକ୍ଷେ ଦୁବାଇରେ ଆୟୋଜିତ ଏକ ବିଶେଷ ସଙ୍ଗୀତ କାର୍ଯ୍ୟକ୍ରମ ଆଶା ୯୦: ଲାଇଭ କନସର୍ଟରେ ପରିବେଷଣ କରିଥିଲେ ।

ଆଶା ଭୋସଲେ ଏମିତି ପ୍ରଥମ ଭାରତୀୟ ଗାୟିକା ଯିଏ ଗ୍ରାମୀ ଆୱାର୍ଡ ପାଇଁ ମନୋନୀତ ହୋଇଥିଲେ । ସେ ୨୦ରୁ ଅଧିକ ଭାଷାରେ ଗୀତକୁ ନିଜର ସ୍ୱର ଦେଇଛନ୍ତି । ଗାୟକ କୈଲାସ ଖେର ଓ ଅଦନାନ ସାମି ତାଙ୍କ ପରଲୋକରେ ଶୋକ ବ୍ୟକ୍ତ କରିଛନ୍ତି । ସାୟରା ବାନୋ କହିଛନ୍ତି, ସେହି ଲୋକଙ୍କ ସୌଭାଗ୍ୟ ଥିଲା ଯିଏ ଆଶା ଭୋସଲେଙ୍କ ସହ ଜଡିତ ଥିଲେ ।

# ଆଶା ଭୋସଲେଙ୍କ ବିୟୋଗରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଶୋକ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୪(ନି.ପ୍ର.):** ପ୍ରଖ୍ୟାତ ଗାୟିକା ଆଶା ଭୋସଲେଙ୍କ ବିୟୋଗରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି ।



ରାଷ୍ଟ୍ରପତି କହିଛନ୍ତି, ଆଶା ଭୋସଲେଙ୍କ ବିୟୋଗ ସଂଗୀତ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ଜଣେ ପ୍ରଖ୍ୟାତ ଗାୟିକା ଭାବରେ ତାଙ୍କର ପ୍ରସିଦ୍ଧ କ୍ୟାରିଅର ଭାରତରେ ସଂଗୀତର ଏକ ଯୁଗକୁ ପରିଭାଷିତ କରିଛି । ରାଷ୍ଟ୍ରପତି ଏହି ଅବସରରେ ଆଶାଙ୍କ ସହିତ ବିତାଇଥିବା କିଛି ବ୍ୟକ୍ତିଗତ ମୁହୂର୍ତ୍ତକୁ ମଧ୍ୟ ସ୍ମରଣ କରିଛନ୍ତି । ଜଣେ କଳାକାର ଏବଂ ଜଣେ ବ୍ୟକ୍ତି ଭାବରେ ନିଜ ଜୀବନକୁ ସେ ନିଜ ଇଚ୍ଛାରେ ବଞ୍ଚିଥିଲେ । ତାଙ୍କର ସୁମଧୁର ଏବଂ କାଳଜୟୀ କଣ୍ଠସ୍ୱର ସହିତ, ସେ ଦଶନ୍ଧି ଧରି ଭାରତୀୟ ସଂଗୀତକୁ ସମୃଦ୍ଧ କରିଥିଲେ । ତାଙ୍କ ସଂଗୀତ ଚିରକାଳ ବଞ୍ଚି ରହିବ । ତାଙ୍କର ନିଧନ ସଂଗୀତ ପ୍ରେମୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ରାଷ୍ଟ୍ରପତି କହିବା ସହିତ ତାଙ୍କ ପରିବାର ଏବଂ ଅଗଣିତ ପ୍ରଶଂସକଙ୍କ ପ୍ରତି ସମବେଦନା ଜଣାଇଛନ୍ତି ।

ସେହିପରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତର ସବୁଠାରୁ ପ୍ରସିଦ୍ଧ ଏବଂ ଭର୍ସାଟାଇଲ୍ କଣ୍ଠଶିଳ୍ପୀ ମାନଙ୍କ ମଧ୍ୟରୁ ଆଶା ଭୋସଲେ ଜଣେ ଥିଲେ । ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଦଶନ୍ଧି ଧରି ତାଙ୍କର ଅନନ୍ୟ ସଙ୍ଗୀତ ଯାତ୍ରା ଆମର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଛି ଏବଂ ବିଶ୍ୱର ଅଗଣିତ ଲୋକଙ୍କ ହୃଦୟକୁ ଛୁଇଁଛି । ଆତ୍ମାର୍ପଣ ସ୍ୱରଠାରୁ ଆରମ୍ଭ କରି ଉତ୍ସାହୀ ରଚନା ପର୍ଯ୍ୟନ୍ତ, ତାଙ୍କ ସ୍ୱରରେ ଏକ କାଳଜୟୀ ଚମକ ଥିଲା । ତାଙ୍କ ସହିତ ମୋର ଆଲୋଚନାର ସ୍ମୃତିକୁ ସର୍ବଦା ମନେ ରଖିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଆଶା ଭୋସଲେଙ୍କ ଦେହାନ୍ତ ଶୋକବ୍ୟକ୍ତ କରିଛନ୍ତି । କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କ କାଳଜୟୀ ସ୍ୱର କେବଳ ସଙ୍ଗୀତ ନଥିଲା, ଏହା ଏକ ଭାବନା ଥିଲା ଯାହା ପିଢ଼ି ପିଢ଼ିକୁ ପରିଭାଷିତ କରିଥିଲା । ତାଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପ୍ରକୃତରେ ଅପୂରଣୀୟ । ଗଭୀର ଶୋକର ଏହି ମୁହୂର୍ତ୍ତରେ ତାଙ୍କ ପରିବାର, ପ୍ରଶଂସକ ଏବଂ ସମଗ୍ର ସଙ୍ଗୀତ ଜଗତକୁ ମୁଖ୍ୟମନ୍ତ୍ରୀ ସମବେଦନା ଜ୍ଞାପନ କରିଛନ୍ତି ।

## ଦୁଇ ଶିଶୁଙ୍କୁ ମାରିଲା ମା'

**ଝାରସୁଗୁଡ଼ା:** ମା ହାଣିଲା ପୁଅ ଝିଅଙ୍କୁ । ମାର ଟାଙ୍ଗିଆଚୋଟରେ ଝିଅ ଜିଜ୍ଞାସା ଓରାମ, ପୁଅ ବିଭାଂଶୁ ଓରାମର ମୃତ୍ୟୁ । ଘଟଣା ଘଟିଛି ବିମାନବନ୍ଦର ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗାଁରେ । ଶନିବାର ବିଳମ୍ବିତ ରାତିରେ ପରିବାରର ସମସ୍ତେ ଶୋଇଥିବା ବେଳେ ମା ରଂଜିତା ଓରାମ ନିଜ ସ୍ୱାମୀଙ୍କୁ ଉଠାଇଥିଲା ।

## ବିଜେପି ସାଂସଦଙ୍କୁ ହ୍ୱିପ୍ ଜାରି

**ନୂଆଦିଲ୍ଲୀ,୧୨।୪(ନି.ପ୍ର.):** ଆସନ୍ତା ୧୬ରେ କେନ୍ଦ୍ର ମୋଦୀ ସରକାର ସଂସଦରେ ମହିଳା ସଂରକ୍ଷଣ ବିଲ୍ ଆଗତ କରିବାକୁ ଯାଉଛି । ତେଣୁ ଭାରତୀୟ ଜନତା ପାର୍ଟି ତାର ସମସ୍ତ ସାଂସଦଙ୍କୁ ଗୃହରେ ତିନି ଉପସ୍ଥିତ ରହିବାକୁ ହ୍ୱିପ୍ ଜାରି କରିଛି । ଏପ୍ରିଲ ୧୬, ୧୭ ଓ ୧୮ ତାରିଖରେ ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ୍ ହୋଇଛି । ଏହି ତିନି ଦିନରେ କୌଣସି ସଦସ୍ୟ ଛୁଟି ଅନୁମତି ଦିଆଯିବ ନାହିଁ ।

କେନ୍ଦ୍ର ସରକାର ତିନି ଦିନ ପାଇଁ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି । ଏପ୍ରିଲ ୧୬ରୁ ୧୮ ତାରିଖରେ ମହିଳା ସଂରକ୍ଷଣ ବିଧେୟକ ଉପରେ ଆଲୋଚନା ହେବ । ତ୍ରିଦିବସୀୟ ମାତୃଶକ୍ତି ବନ୍ଦନ ଅଧିନିୟମ ଉପରେ ବିଷଦ ଚର୍ଚ୍ଚା ହେବାକୁ ଯାଉଛି । ଏହା ଦ୍ୱାରା ଉଭୟ ସଂସଦ ଏବଂ ବିଧାନସଭା ଗୁଡ଼ିକରେ ଏଣିକି ୩୩ ପ୍ରତିଶତ ମହିଳା ପ୍ରତିନିଧିତ୍ୱ କରିବେ ।

## ବିଜେଡିରୁ ବଡ ଇସ୍ତଫା

**ଭୁବନେଶ୍ୱର୧୨।୪::** ବିଜୁ ଜନତା ଦଳର ପାଟକୁରା ରାଜନୀତି ଏବେ ତୀବ୍ର ହୋଇଛି । ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିବା ମୁଖିଆଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି । ଅରବିନ୍ଦଙ୍କୁ ସମର୍ଥନ କରି ଆଜି ଶତାଧିକ କର୍ମୀଙ୍କ ସହିତ ୨୦ ସରପଞ୍ଚ ଓ ୩ ପୂର୍ବତନ ବିଜେଡ଼ି ଅଧ୍ୟକ୍ଷ ସମୂହ ଇସ୍ତଫା ଦେଇଛନ୍ତି ।

# ୧୯୭୮ ବର୍ଷର ତାଲିକା ସହ କୌଣସି ଅମେଳକ ନାହିଁ: ଆଇନ ମନ୍ତ୍ରୀ

**ଭୁବନେଶ୍ୱର,୧୨।୪(ନି.ପ୍ର.):** ରତ୍ନଭଣ୍ଡାରରୁ କୌଣସି ଜିନିଷ ମିଳିନାହିଁ । ସେହିପରି ୧୯୭୮ ମସିହା ସହିତ ରତ୍ନଅଳଙ୍କାର ଅମେଳକ ହେବା ନେଇ କୌଣସି ଆନୁଷ୍ଠାନିକ ସୂଚନା ଆସିନାହିଁ । ତେଣୁ ଯାହା ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।



ଗତ ଚାରି ଦିନ ଧରି ଶ୍ରୀମନ୍ଦିରରେ ବାହାର ରତ୍ନଭଣ୍ଡାର ଗଣତି ମଣତି ଶେଷ ହୋଇଛି । ଆସନ୍ତାକାଲିଠାରୁ ଭିତର ରତ୍ନଭଣ୍ଡାର ଗଣତି ଆରମ୍ଭ ହେବ । ଏହାକୁ ଅତି ସତର୍କତା, ସ୍ୱଚ୍ଛତା ଏବଂ ନିଷ୍ଠାର ସହିତ କରାଯିବ ସେଥିପ୍ରତି ସରକାର ଗୁରୁତର ସହ ନେଇଛନ୍ତି । ଜିଲ୍ଲାପାଳଙ୍କ ଟ୍ରେଜେରୀରୁ ଭିତର ରତ୍ନ ଭଣ୍ଡାର ଚାବି ଅଣାଯିବ ଗଣତି କରାଯାଇ ପୁଣି ଥରେ ଚାବି ଟ୍ରେଜେରୀରେ ରଖାଯିବ । ଅଧିକୃତ ସେବାୟତ ଏବଂ ଅଧିକାରୀଙ୍କ ଉପସ୍ଥିତିରେ ସବୁକିଛି କରାଯିବ । ଆସନ୍ତା ସ୍ନାନ ଯାତ୍ରା ପୂର୍ବରୁ ଗଣତି ଶେଷ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ଆଇନ ମନ୍ତ୍ରୀ ।

ସେହିପରି ଡିଜିଟାଲ ଫଟୋଗ୍ରାଫ୍, ଥ୍ରୀଡି ମ୍ୟାପିଂ ଏବଂ ଭିଡ଼ିଓ ଗ୍ରାଫି କରାଯିବ । ଯାହା ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ରତ୍ନଅଳଙ୍କାରର ଡାଟା ସୁରକ୍ଷିତ ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ସବୁକିଛି ସଠିକ୍ ଢଙ୍ଗରେ ହେବାକୁ ମନ୍ତ୍ରୀ ଆଶା ରଖିଛନ୍ତି ।

ସେହିପରି ପୂର୍ବ ତାଲିକା ସହିତ ଅମେଳକ ହେବା ଖବର ମନ୍ତ୍ରୀ ଖଣ୍ଡନ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଭଣ୍ଡାରରୁ କୌଣସି ଜିନିଷ ମିଳି ନାହିଁ । କିମ୍ବା ୧୯୭୮ ମସିହା ତାଲିକା ସହିତ ରତ୍ନ ଅଳଙ୍କାର ଅମେଳକ ହୋଇଥିବାର କୌଣସି ଆନୁଷ୍ଠାନିକ ସୂଚନା ଆସି ନାହିଁ ।

# ଆମେରିକା-ଇରାନ ଶାନ୍ତି ଆଲୋଚନା ବିଫଳ

**ଇସଲାମାବାଦ,୧୨।୪:** ପାକିସ୍ତାନରେ ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ଆଲୋଚନା କେଣସି ଚୁକ୍ତି ବିନା ଶେଷ ହୋଇଛି । ଶନିବାର ପାକିସ୍ତାନ ରାଜଧାନୀ ଇସଲାମାବାଦରେ ୨୧ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଦୁଇପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲା । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପାକିସ୍ତାନ ଆସିଥିବା ଆମେରିକା ପ୍ରତିନିଧି ଦଳ ଆଲୋଚନା ବିଫଳ ହେବା ପରେ ଆମେରିକା ଫେରିଯାଇଛନ୍ତି । ରିପୋର୍ଟ ଅନୁଯାୟୀ, ଉଭୟଙ୍କ ମଧ୍ୟରେ ହର୍ମୁଜ ପ୍ରଣାଳୀ ଖୋଲିବା ଓ ପରମାଣୁ କାର୍ଯ୍ୟକ୍ରମକୁ ନେଇ ବିବାଦ ଲାଗି ରହିଛି ।



ଆମେରିକା ଫେରିବା ପୂର୍ବରୁ ଭାନ୍ସ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ଆମେରିକା ବିନା ଚୁକ୍ତି କରି ଫେରୁଛି । ଏହା ଆମେରିକାଠାରୁ ଇରାନ ପାଇଁ ଅଧିକ ଖରାପ ଖବର । ସେ ଏହା ମଧ୍ୟ କହିଛନ୍ତି ଯେ, ଯେକୌଣସି ଚୁକ୍ତି ପାଇଁ ଇରାନକୁ ପରମାଣୁ ଅସ୍ତ୍ର ବିକଶିତ ନକରିବା ପାଇଁ ପ୍ରତିଶ୍ରୁତି ଦେବାକୁ ପଡିବ । ଆମେରିକାର ସର୍ତ୍ତଗୁଡିକ ସ୍ପଷ୍ଟ ଥିଲା, କିନ୍ତୁ ଇରାନ ଏହାକୁ ଗ୍ରହଣ କରିନଥିଲା । ଭାନ୍ସ ଆହୁରି ମଧ୍ୟ କହିଛନ୍ତି, ଆଗକୁ ବୁଝାମଣାର ସମ୍ଭାବନା ସମ୍ପୂର୍ଣ୍ଣ ଶେଷ ହୋଇନାହିଁ । ଭାନ୍ସ ଆହୁରି କହିଛନ୍ତି, ଆମେ ସେମାନଙ୍କୁ ଚୂଡ଼ାନ୍ତ ପ୍ରସ୍ତାବ ଦେଇ ଯାଇଛୁ । ଏହାକୁ ଇରାନ ମାନୁଛି କି ନାହିଁ ତାହା ଦେଖିବାର ଅଛନ୍ତି ।

ଭାନ୍ସ କହିଛନ୍ତି, ଆମେରିକା ନିଜର ଶେଷ ତଥା ସବୁଠୁ ଭଲ ପ୍ରସ୍ତାବ ଇରାନକୁ ଦେଇଛି । ଆଲୋଚନାରେ ଆମେରିକା ଖୁବ୍ ବିନମ୍ରତା ଦେଖାଇଥିଲା କିନ୍ତୁ ଇରାନ ଏହାକୁ ସ୍ୱୀକାର କରିନଥିଲା । ଦୀର୍ଘ ସମୟ ଆଲୋଚନା ସତ୍ତ୍ୱେ ଇରାନ ଭବିଷ୍ୟତରେ ପରମାଣୁ ଅସ୍ତ୍ର ନିର୍ମାଣ କରିବ ନାହିଁ ବୋଲି ସ୍ପଷ୍ଟ କରିପାରିନଥିଲା । ଆଲୋଚନା ବେଳେ ଭାନ୍ସ ଲଗାତାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଅନ୍ୟ ବଡ ନେତାଙ୍କ ସହିତ ଯୋଗାଯୋଗରେ ଥିଲେ । ଭାନ୍ସ କହିଥିଲେ ଯେ, ମୂଳ ବିବାଦ ପରମାଣୁ ଅସ୍ତ୍ର ଉପରେ ଥିଲା । ସେମାନେ ପରମାଣୁ ଅସ୍ତ୍ର ନିର୍ମାଣ କରିବେ ନାହିଁ କି ଏମିତି ଉପକରଣ ସନ୍ଧାନ କରିବେ ନାହିଁ ଯାହା ସେମାନଙ୍କୁ ଶୀଘ୍ର ପରମାଣୁ ଅସ୍ତ୍ର ହାସଲ କରିବାକୁ ସକ୍ଷମ କରିବ । ଭାନ୍ସ କହିଛନ୍ତି, ଏହା ରାଷ୍ଟ୍ରପତି ଟ୍ରମ୍ପଙ୍କ ମୂଳ ଲକ୍ଷ୍ୟ ।

## ଡାହୁକ



ନିଜେ ବଞ୍ଚି ବାକୁ ଟ୍ରମ୍ପ କଥାରେ
ଉଠୁ ବସ ହୋଇ
ଆମ୍ଭ ଘୋଷିତ ବିଶ୍ୱଗୁରୁ ଦେଶ
ଇଜତ କୁ ଦେଲେ ଖାଇ
ଶାନ୍ତି ଦୂତ ହୋଇ ପାକିସ୍ତାନ ଠିଆ
ଭାରତ କୁ ଦେଲା ଆଡେଇ
ଅନ୍ଧ ଭକ୍ତ ଅନ୍ଧ ହୋଇ ରହିଥାଅ
ଘଣ୍ଟି ଘଣ୍ଟ ଆଳି ବାଡେଇ

-ବିଧୁ

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭିକ ନିରପେକ୍ଷ ଦୈନିକ ସମ୍ବାଦପତ୍ର
**୩୧ତମ ପ୍ରତିଷ୍ଠା ଉତ୍ସବ**
ତାରିଖ : ୧୪ ଏପ୍ରିଲ ୨୦୨୬, ସ୍ଥାନ : ଗୀତଗୋବିନ୍ଦ ସଦନ, ଭୁବନେଶ୍ୱର
ସମୟ : ସକାଳ ୧୦ ଘଟିକା
ମହାଶୟ/ମହାଶୟା
'ମନ୍ଥନ'ର ୩୧ତମ ପ୍ରତିଷ୍ଠା ଉତ୍ସବରେ ଆମେ ଆପଣଙ୍କର ସଦୟ ଉପସ୍ଥିତି କାମନା କରୁଛୁ ।
: ଉଦ୍‌ଘାଟକ :
ଶ୍ରୀଯୁକ୍ତ ସଞ୍ଜିବ ଚନ୍ଦ୍ର ହୋତା (ଭା.ପ୍ର.ସେ)
ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ
: ଆଲୋଚନା ଚକ୍ର :
ଓଡ଼ିଶା ୨୦୩୬ : ବିକାଶର ସ୍ୱପ୍ନ ଓ ବାସ୍ତବତା
ସମ୍ମାନୀୟ ଆଲୋଚକ ବୃନ୍ଦ
ଶ୍ରୀଯୁକ୍ତ ସଜ୍ଜନ ଶର୍ମା
ମୁଖପାତ୍ର, ଭାରତୀୟ ଜନତା ପାର୍ଟି
ଶ୍ରୀଯୁକ୍ତ ରବି ଦାସ
ବରିଷ୍ଠ ସାମ୍ବାଦିକ
ଶ୍ରୀଯୁକ୍ତ ସୁଦର୍ଶନ ଦାସ
ବରିଷ୍ଠ ରାଜନେତା ଓ ସମାଜସେବୀ
ଶ୍ରୀଯୁକ୍ତ ସରୋଜ କୁମାର ସାମଲ
ଅବସର ପ୍ରାପ୍ତ ପ୍ରଶାସକ
ସଂଯୋଜକ : ଅଧ୍ୟାପକ ବିଶ୍ୱରଞ୍ଜନ
ମନ୍ଥନ ସମ୍ମାନ ବିତରଣ ଉତ୍ସବ
ମୁଖ୍ୟ ଅତିଥି
ଶ୍ରୀମତୀ ସୁଲୋଚନା ଦାସ, ମାନ୍ୟବର ମେୟର
ଭୁବନେଶ୍ୱର ମହାନଗର ନିଗମ
ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ
ସଭାପତିତ୍ୱ କରିବେ
ଶ୍ରୀଯୁକ୍ତ ଶରତ ରାଉତ, ସଂପାଦକ, 'ମନ୍ଥନ'
ନିବେଦକ : ସୀତେଶ କୁମାର ରାଉତ, ପ୍ରକାଶକ, ମନ୍ଥନ









# ଚବିଶ ପ୍ରହାର ନାମ ଯଜ୍ଞ ଅନୁଷ୍ଠିତ

ଚମ୍ପୁଆ, ୧୨।୪:(ମନ୍ଥନ) ଚମ୍ପୁଆ ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ବସିରା ଗ୍ରାମବାସୀ ବୃନ୍ଦଙ୍କ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଶ୍ରଦ୍ଧା ଓ ଭକ୍ତିର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ଅବସରରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ଭଗବାନଙ୍କ ନାମ ସ୍ମରଣ କରିଥିଲେ ଓ ଭଜନ-କୀର୍ତନରେ ଲୀନ ହୋଇଥିଲେ ।ଗତ ୦୮. ୦୪. ୨୬ ଠାରୁ ଆରମ୍ଭ ଏହି ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନର ସମସ୍ତ ପୂଜାବିଧି ସ୍ଥାନୀୟ ନନା ଭୀମସେନ ପଣ୍ଡାଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିବା ବେଳେ ଆଖ ପାଖ ଅଞ୍ଚଳରୁ ପ୍ରାୟ ୫ଟି ଦଳ ୧. ଚହଲାପଦା, ୨. ଭାଲୁବସା, ୩. ରଙ୍ଗାମାଟିଆ, ୪. ଶଇତପୁର, ୫. ଭଣ୍ଡଗାଁ (ବାରିପଦା) ଅଂଶଗ୍ରହଣ କରିଥିଲେ ।ଦିନ-ରାତି ନିରନ୍ତର ଭାବେ ହରିନାମ ସଂକୀର୍ତନ ଚାଲିଥିବା ସହ ଶତାଧିକ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପାଞ୍ଚଦିନ ଧରି ଚାଲିଥିବା ନାମଯଜ୍ଞ ର ଆଜି ଥିଲା ଚତୁର୍ଥ ଦିନ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜ଼ିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ଗଣେଶ୍ୱର ପାତ୍ର ଯୋଗଦେଇ ଥିବା ଦେଖିବାକୁ ମିଳିଛି । କମିଟିର ସମସ୍ତ



ସଦସ୍ୟଙ୍କ ସହିତ ଦେବାଶିଷ ଗିରି, ରାଜୀବ, ସୁରେଶ, ଶୁକ, ସରଜ ପ୍ରଧାନ ଓ ଅନେକ ଗ୍ରାମବାସୀ ମହିଳା ଓ ପୁରୁଷ ପ୍ରଥମେ ଅତିଥିଙ୍କୁ ଶଙ୍ଖ ହୁଳହୁଳି ସହିତ ବନ୍ଦାପନା କରି ପୂଜା ମଣ୍ଡପ ପାଖକୁ ନେଇ ତାଙ୍କୁ ପୂଜା ମଣ୍ଡପ ପରିକ୍ରମା କରାଇ ଥିଲେ ଏବଂ ଶ୍ରୀ ତ୍ରିପାଠୀ ସେଠାରେ ଠାକୁରଙ୍କୁ ମୁଣ୍ଡିଆ ମାରି ପୂଜାର୍ଚ୍ଚନା କରିଥିଲେ । ଶତାଧିକ ଭକ୍ତଙ୍କ ଜନ ଗହଳି ଏବଂ ନାମ ସଂକୀର୍ତ୍ତନରେ ଚତୁର୍ପାଶ୍ୱ ଏକ ଆଧ୍ୟାତ୍ମିକତା ସହିତ ଉତ୍ସାହର ବାତାବରଣରେ ପରିପୂର୍ଣ୍ଣ ହୋଇ ରହିଥିଲା । ଭଗବାନଙ୍କୁ ଯଦି ପ୍ରାପ୍ତ କରିବାର ଅଛି ଜଣେ ନିଜର ସୁବିଧା ମୁତାବକ ନିଜ ହିନ୍ଦୁ ଧର୍ମରେ ନିଜର ମାର୍ଗ ନିରୂପଣ କରିଥାଏ ଏବଂ ପରମ ଶାନ୍ତି ଅନୁଭବ କରିବା ସହିତ ମୋକ୍ଷ ପ୍ରାପ୍ତି ଦିଗକୁ ଅଗ୍ରସର ହୋଇଥାଏ । ତେଣୁ ସେହି ଭକ୍ତି ମାର୍ଗରେ ଏକ ଭକ୍ତି ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ନାମ ଯଜ୍ଞ ତଥା ସଂକୀର୍ତନ । ଚବିଶ ପ୍ରହର ନାମଯଜ୍ଞ ରେ ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ହରେରାମ ହରେରାମ ରାମ ରାମ ହରେ ହରେ ଠାକୁରଙ୍କ ନାମ କୀର୍ତ୍ତନର ଭକ୍ତି ଗୀତ ସଂଗୀତର ଧ୍ୱନି ଚାରିପଟେ ବ୍ୟାପି ଯାଇଥିଲା ।ଯଜ୍ଞ ଅବସରରେ ପୂଜା-ଅର୍ଚ୍ଚନା, ହୋମ-ଯଜ୍ଞ, ଭଜନ ସନ୍ଧ୍ୟା ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅନେକ ଅତିଥି ଓ ପଣ୍ଡିତମାନେ ଉପସ୍ଥିତ ହୋଇ ଧାର୍ମିକ ଉପଦେଶ ଦେଇଥିଲେ । ଗ୍ରାମବାସୀମାନଙ୍କ କହିବା ଅନୁସାରେ, ଏହି ପ୍ରକାର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମାଜରେ ଶାନ୍ତି, ଏକତା ଓ ସାମ୍ପ୍ରଦାୟିକ ସମ୍ପ୍ରୀତି ବଢ଼ାଇବାରେ ବହୁତ ସହାୟକ । ଏହି ଉତ୍ସବ ଶେଷରେ ବିଶେଷ ମହାପ୍ରସାଦ ବଣ୍ଟନ କରାଯାଇଥିଲା, ଯେଉଁଥିରେ ଅନେକ ଭକ୍ତ ଅଂଶଗ୍ରହଣ କରିଥିଲେ ।ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଚମ୍ପୁଆ ନିର୍ବାଚନ ମଣ୍ଡଳୀ ବ୍ୟତୀତ କେନ୍ଦୁଝର ଜ଼ିଲ୍ଲା ତଥା ଆଖ ପାଖ ପଡ଼ସି ସୁନ୍ଦରଗଡ଼, ମୟୁରଭଞ୍ଜ ଜ଼ିଲ୍ଲାର ଆଦିବାସୀ ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ସମାଜ ହିତୈଷି ଓ ଜନସାଧାରଣଙ୍କ ମଙ୍ଗଳକାରକ କାର୍ଯ୍ୟମାନ କରିଥାନ୍ତି, ଯାହା ଦ୍ୱାରା ଶ୍ରୀ ତ୍ରିପାଠଙ୍କୁ ଜଣେ ଜନ ନାୟକ ଭାବି ଶ୍ରଦ୍ଧା କରି ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ମୁଖ୍ୟଅତିଥି ରୁପେ ନିମନ୍ତ୍ରଣ କରିଥାନ୍ତି ଏବଂ ଶ୍ରୀ ତ୍ରିପାଠୀ ମଧ୍ୟ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥାନ୍ତି । ତାଙ୍କ ବ୍ୟସ୍ତ ବହୁଳ କାର୍ଯ୍ୟ ସୂଚୀ ସତ୍ୱେ ସମୟ ବାହାର କରି ସମସ୍ତ ଉତ୍ସବରେ ଯୋଗ ଦେଇଥାନ୍ତି ଯାହା ଫଳରେ ଶ୍ରୀ ତ୍ରିପାଠୀଙ୍କ ଲୋକପ୍ରିୟତା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହିତ ଆଖ ପାଖ ଜ଼ିଲ୍ଲାରେ ବଢିବାକୁ ଲାଗିଛି ।

# ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓଡିଆ ପକ୍ଷ ପାଳିତ

ଖୋର୍ଦ୍ଧା, ୧୨।୪:(ମନ୍ଥନ)ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଓଡିଆ ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ପାଇକ 'ବିଦ୍ରୋହ' ଓଡିଶାର ପ୍ରଥମ ମୁକ୍ତି ସଂଗ୍ରାମ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ମହାବିଦ୍ୟାଳୟ ର ଅଧକ୍ଷା ଡ. ପୂର୍ଣ୍ଣୀମା ନାୟକ ଙ୍କ ସଭାପତିତ୍ୱ କରି ନିଜର ବକ୍ତବ୍ୟ ରେ, ପାଇକ ବିଦ୍ରୋହର ଅନେକ ବିଷୟ ଉପରେ ରେଖାପାତ କହିବା ସହ ସେ ନିଜେ ଜଣେ ସ୍ୱାଧୀନତା ସଂଗ୍ରାମୀ ପରିବାରୁ ଆସିଛନ୍ତି ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଉତ୍ତର ଓଡିଶାର ପୂର୍ବତନ କୂଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇ ପାଇକ ବିଦ୍ରୋହରଗରୀମାମୟ କାହାଣୀ ଉପରେ ଆଲୋକ ପାତ କରିବା ସହ ବକ୍ସି ଜଗବନ୍ଧୁଙ୍କର ବୀର୍‌ର ଗାଥା ଓଜୟୀରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର, ସୁରେନ୍ଦ୍ର ସାଏଙ୍କର କାହାଣୀ ଉପରେ ଆଲୋକପାତ କରିଥିଲେ । ମୂଖ୍ୟବକ୍ତା ଭାବେ ଉକ୍ତ ସ୍ତମ୍ଭକାର ଓ ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ଯୋଗଦେଇ କହିଥିଲେ ଓଡିଶାର ଶେଷ ସ୍ୱାଧୀନତା ବଜାୟ ରଖିବାକୁ ଯେଉଁ କେତେକ ଓଡିଆ ଗୋରା ଫିରିଙ୍ଗ ସହ ଲଢେଇ କରିଥିଲେ ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ଦଳବେହେରା ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବରରାୟ ଅନ୍ୟତମ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ତ୍ୟାଗ, ବୀର୍, ସାହସ ଅତୁଳନୀୟ । ସେହିପରିତାପଙ୍ଗ ଦଳବେହେରା, ମାଧବ ଚନ୍ଦ୍ର ରାଉତରାୟଙ୍କ ଗୋଟିଏ ନିସହାୟ କେଉଟ ପାଇଁ ତାଙ୍କ ଆତ୍ମ ବଳିଦାନତାଙ୍କୁ ପାଇକ ଇତିହାସରେ ଦଧୂ ଆଖ୍ୟା ପ୍ରଦାନ କରିଛି । ସିଏ ଏଭଳି ଜଣେ କରୁଣାର ଅବତାର ଥିଲେଯାହାଙ୍କ ତ୍ୟାଗପୁତ ଜୀବନ ପାଇଁ ବ୍ରିଟିଶ ସରକାର ତାଙ୍କ ପାଖରେ ନତମସ୍ତକ ହେବା ସହ ତାଙ୍କୁ ସସମ୍ମାନେ ନିଜ ଗ୍ରାମ ତାପଙ୍ଗ କୁ ପହଞ୍ଚାଇଥିଲେ ।ଅନ୍ୟତମ ସମ୍ମାନୀତ ବକ୍ତା ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ସୁବୋଧ କୁମାର ଜଗଦେବ ରଘୁ ଦିବାକରଙ୍କର ଗରୀମାମୟ କାହାଣୀ ସହ ବକ୍ସିଙ୍କର ଅନେକ ବୀରତ୍ୱର ଗାଥାଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପିକା ମାନିନୀ ଜେନା ପାଇକ ବିଦ୍ରୋହ ର ରକ୍ତ ରଂଜିତ ଅଧ୍ୟାୟ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଇତିହାସ ଭିଭାଗର ମୁଖ୍ୟ ଅସୀମା ଶତପଥୀ ସ୍ୱାଗତ ଭାଷଣ ଓ ଅତିଥୁ ପରିଚୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାମଲ, ଡ.ପ୍ରଦିପ୍ତ କୁମାର ମହାପାତ୍ର, ଡ.ତୃପ୍ତିରେଖା ପଣ୍ଡା ପ୍ରାଣୀବିଜ୍ଞାନର ମୁଖ୍ୟ, ଡ. ଅନୀଲକୁମାର ରାୟ, ଟି.ଅକ୍ଷୟ କୁମାର, ଆଶିଷ କୁମାର ନାୟକ, ଏନ.ସି.ସି ଅଫିସର ତଥା ଓଡିଆ ବିଭାଗରଅଧ୍ୟାପକ ଭଗବାନ ଖୁଲାର, ସୁସଂଧା ପ୍ରିୟଦର୍ଶିନୀ ନାୟକ, କଳ୍ପନା ମଲ୍ଲିକ ଏବଂ ଇତିହାସ ତଥା ଓଡିଆ ବିଭାଗ ର ସମସ୍ତ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ । ମାନିନୀ ଜେନା ସଭା କାର୍ଯ୍ୟପରିଚାଳନା କରିଥିବା ବେଳେ ପ୍ରାଧାପକ ସୁବୋଧ କୁମାର ଜଗଦେବ ଧନ୍ୟବାଦ ପ୍ରଦାନ କରିଥିଲେ ।

## ୫୩ନମ୍ବର ଜ୍ୱାତୀୟ ରାଜପଥ ରାସ୍ତା ନିର୍ମାଣ ନିମ୍ନମାନର

# ତଦନ୍ତ ନିର୍ଦ୍ଦେଶ ଦେଲେ ଜାତୀୟ ରାଜପଥ କର୍ତ୍ତୃପକ୍ଷ

କେନ୍ଦ୍ରାପଡ଼ା, ୧୨।୪:(ମନ୍ଥନ)ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥ ରାସ୍ତା ନିର୍ମାଣ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କୁ ଅଭିଯୋଗ ହେବା ପରେ ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଭିଯୋଗ ଅନୁଯାୟି କେନ୍ଦ୍ରାପଡା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ନିର୍ମାଣାଧିନ ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ଦୁହୁରିଆ ଛକ ନିକଟରେ ଅତ୍ୟନ୍ତ ନିମ୍ନମାନର ରାସ୍ତା ନିର୍ମାଣ କରାଯାଉଛି । ଫଳରେ ସେହି ନିର୍ମାଣାଧିନ ରାସ୍ତାର ବିଭିନ୍ନ ଅଂଶ ଫାଟି ଯାଉଥିବା ବେଳେ କେଉଁଠି ନିର୍ମାଣଧିନ ରାସ୍ତାର ଅଂଶ ଭୁଷୁଡି ପଡୁଛି । ଯାହାଦ୍ୱାରାକି ଏହି ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାଦ୍ୱାରା ଭବିଷ୍ୟତରେ ଏହି ରାସ୍ତାଦେଇ ଯିବା ସମୟରେ ଜନସାଧାରଣଙ୍କ ଧନଜୀବନ କ୍ଷୟକ୍ଷତି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ପଦାର୍ଥ ବ୍ୟବହାର କରାଯିବା ସହିତ ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଥିବା ମଧ୍ୟ



ଅଭିଯୋଗ ହୋଇଛି ।ଯେଉଁ ନିୟମ ଅନୁସରଣ କରି ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ କରିବା କଥା ସେଥିରେ ସାଙ୍ଘାତିକ ଉଲ୍ଲଘଂନ କରାଯାଇଛି । କେବଳ ଠିକାସଂସ୍ଥା ଯେ ନିର୍ମାଣ କାର୍ଯ୍ୟରେ ଅବହେଳା କରିଛି ତାନୁହେଁ ନିର୍ମାଣ ଦାୟିତ୍ୱ ତଦାରଖ କରୁଥିବା ସରକାରୀ ସଂସ୍ଥାର ଅଧିକାରୀମାନେ ମଧ୍ୟ ନିଜର କର୍ତ୍ତବ୍ୟ ସଠିକ ଭାବେ ସମ୍ପାଦନ କରୁନାହାନ୍ତି । ଯାହାର ଫଳ ସ୍ୱରୂପ ଜନତାଙ୍କ ଟିକସ ଅର୍ଥ ଅପବ୍ୟୟ ହେଉଛି । ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକତା ଅନୁଯାୟି ମଞ୍ଜୁର ହୋଇଥିବା ସରକାରୀ ପାଣ୍ଠିରେ ଏହି ରାସ୍ତା ନିର୍ମାଣ ହେଉଥିବା ବେଳେ ସଂପୃକ୍ତ ଠିକାସଂସ୍ଥାର ଏଭଳି ବେପରୁଆ ତଥା ଦାୟୀତ୍ୱହୀନ ଭାବେ ରାସ୍ତା ନିର୍ମାଣ କରାଯିବା ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଏଥିନିମନ୍ତେ ଦାୟି ଅଧିକାରୀ ଓ ଠିକାସଂସ୍ଥା ବିରୋଧରେ ବିହୀତ ପଦକ୍ଷେପ ଗ୍ରହଣ କରାଯିବାକୁ ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା । ସେହି ଅଭିଯୋଗ ଅନୁଯାୟି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଡେପୁଟୀ ଜେନେରାଲ ମ୍ୟାନେଜର(ଟେକନିକାଲ) ଅମିତ କୁମାର ଗୁପ୍ତା ଚଣ୍ଡିଖୋଲସ୍ଥିତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପ୍ରକଳ୍ପ କାର୍ଯ୍ୟକାରୀ ୟୁନିଟର ପ୍ରକଳ୍ପ ନର୍ଦ୍ଦେଶକଙ୍କୁ ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି ।

# ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଘଂନ

କେନ୍ଦ୍ରାପଡ଼ା, ୧୨।୪:(ମନ୍ଥନ)ସରକାରଙ୍କ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଘଂନ କରାଯାଇ କେନ୍ଦ୍ରାପଡା ସହରର ମୁଖ୍ୟରାସ୍ତାରେ ବାଲିଗଦା କରାଯାଇଛି । ଅଭିଯୋଗ ଅନୁଯାୟି ତିନିମୁହାଣୀ-ନୂଆବସଷ୍ଟାଣ୍ଡ ମୁଖ୍ୟ ରାସ୍ତାର କଜଳାସ୍ଥିତ ଟିପିସିଓଡିଏଲ କାର୍ଯ୍ୟାଳୟ ଓ ଅର୍ବାନବ୍ୟାଙ୍କ କାର୍ଯ୍ୟାଳୟ ମଧ୍ୟରେ ଥିବା ରାସ୍ତା ଉପରେ ପ୍ରାୟ ତିନି ଟ୍ରକ ବାଲି ଗଦା ହୋଇଥିବା ଦେଖିବାକୁ ମିଳିଛି । ଫଳରେ ସେହି ରାସ୍ତାଟି ସଙ୍କୀର୍ଣ୍ଣ ହୋଇଯିବାରୁ ସେହି ରାସ୍ତା ଦେଇ ଗାଡିମଟର ଓ ପଥଚାରୀମାନେ ଯିବା ଆସିବା କରିବାରେ ଗୁରୁତର ବାଧା ସୃଷ୍ଟି ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଏନେଇ କେନ୍ଦ୍ରାପଡା ତହସିଲଦାର ଓ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ କରିଛନ୍ତି । ଏସମ୍ପର୍କରେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନାଙ୍କୁ ପଚାରିବାରୁ ସେ କହିଲେ ଏସମ୍ପର୍କରେ ସେ ଅଭିଯୋଗ ପାଇଛନ୍ତି । ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ।

# ନିଖିଳ ଓଡିଶା ଆଶା କର୍ମୀ ସଂଘ ବଲାଙ୍ଗିର ଜିଲ୍ଲା କମିଟି ବୈଠକ

ବଲାଙ୍ଗିର, ୧୨।୪:(ମନ୍ଥନ)ସ୍ଥାନୀୟ ଏଆଇଟିୟୁସି ଜିଲ୍ଲା କାର୍ଯ୍ୟାଳୟ ଠାରେ ନିଖିଳ ଓଡିଶା ଆଶା କର୍ମୀ ସଂଘର ଜିଲ୍ଲା ସଭାପତି ତଥା ରାଜ୍ୟ ଉପ-ସଭାପତି ତିର୍ଥ ପଧାନଙ୍କ ସଭାପତିତ୍ୱ ରେ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ସଂଗଠନ ର ରାଜ୍ୟ ସଭାପତି ବିଜୟ ନେତା ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି ଭାବେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ, ଓମି ଗୁପ୍ତା ଓ ଉପଦେଷ୍ଟା ଦିଲିପ କୁମାର ଭୋଇ ମଂଚାସୀନ ଥିଲେ । ଉକ୍ତ ବୈଠକରେ ଯେବେଠାରୁ ଓଡିଶାରେ ବିଜେପି ଶାସିତ ଡବଲ ଇଞ୍ଜିନ




ସରକାର କ୍ଷମତାସୀନ ହେଲା ଆଶା କର୍ମୀମାନଙ୍କ ନିୟମିତ ପ୍ରୋତ୍ସାହନ ରାଶି ପ୍ରତ୍ୟେକ ମାସର ୧୦ ତାରିଖ ମଧ୍ୟାହ୍ନରେ ଦେବାର ସରକାରୀ ପ୍ରାବଧାନ ଥିଲେ ମଧ୍ୟ ମାସ ମାସ ଧରି ମିଳୁ ନାହିଁ । ଗତ ବର୍ଷରୁ ଆୟୁଷ୍ମାନ ଭାରତ ଯୋଜନାରେ କାର୍ଯ୍ୟ କରିଥିବାର ଆଶାମାନଙ୍କ ତାଙ୍କ ପ୍ରୋତ୍ସାହନ ରାଶି ମିଳି ନାହିଁ । ଏଚ୍ଆଇଭି ଟୀକାକରଣ କାର୍ଯ୍ୟକରଣରେ କିଶୋରୀ ବାଳିକାମାନଙ୍କୁ ଟୀକା ଦେବାରେ ଆଶା କର୍ମୀମାନଙ୍କୁ ଅଧିକ ଚାପ ପ୍ରୟୋଗ କରାଯାଉଛି ହେଲେ ସେହି କାର୍ଯ୍ୟକ୍ରମର ମଧ୍ୟ କୌଣସି ପ୍ରୋତ୍ସାହନ ରାଶି ଦିଆଯାଉ ନାହିଁ । ଯେଉଁ ସବ ସେଣ୍ଟର ଗୁଡିକରେ ସିଏଚ୍ଓ ନିଯୁକ୍ତି ହୋଇଛନ୍ତି ସେହି ସବ ସେଣ୍ଟର ଅଧୀନରେ ଥିବା ଆଶା କର୍ମମାନେ ମାସକୁ ୧୦୦୦ ଟଙ୍କା ପାଇବାର ପ୍ରାବଧାନ ଥିଲେ ମଧ୍ୟ ତାହା ମିଳୁ ନାହିଁ । ସମାଜକୁ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ବଳେ ଆଶା କର୍ମୀଙ୍କ ନିଜ ତଥା ପରିବାର ବର୍ଗଙ୍କ ନାମରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ନାହିଁ । ଏପରି କି ରାସନ କାର୍ଡ ମଧ୍ୟ ଦିଆଯାଇନାହିଁ ବୋଲି ବୈଠକରେ ପ୍ରକାଶ କରିଥିଲେ । ଏହି ସବୁ ସମସ୍ୟାକୁ ନେଇ ଆସନ୍ତା ମଇ ୧୧ ତାରିଖ ଦିନ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯିବ । ଏଥିରେ ବନିତା ପୁଟେଲ, ମମତା ଜେନା, ଶୋଭାଗିନୀ ବାଗ, ପୁଷ୍ପଲତା ଧିର, ଲତା ପୁଟେଲ, ତନ୍ମୟୀ ଦାସ, କଲ୍ୟାଣୀ ସାହୁ, ବିଳାସିନୀ ବାରିକ, ଶୋଭାଷିନୀ ଜାଲ, ଆରତି ସାହୁ, ଶୋଭାଗିନୀ ତାଣ୍ଡି, ମୁକ୍ତା ଉଦୁରକୁଲିଆ, ବାସନ୍ତୀ ସେଠ, ମିନାକ୍ଷୀ ଜେନା, ପଦ୍ମିନୀ କଟା, ଆଶା ଦୀପ, ସରସ୍ୱତୀ ସାହୁ, ସାଧବନୀ ସାହୁ, ଭାଗ୍ୟବତୀ ଷାଣ୍ଡ, ଜ୍ୟୋତ୍ସ୍ନା ମିଶ୍ର, ନମିତା ସାହୁ, ପଦ୍ମିନୀ ସୁନା, ଭୂମିସୁତା ନାଗ, ହେମବତୀ ନାଗ, ତିଲୋଚମା କୁମ୍ଭାର, ପୁଷ୍ପାଞ୍ଜଳି ଲୁହା, ଜମ୍ୟୋବତୀ ସାହୁ, ଲଳିତତା ବାଗ, ସୁବର୍ଣ୍ଣ ଡିଲା, ଆନନ୍ଦିନୀ ବିଶ୍ୱାଲ, ସାଇବୁ ନନ୍ଦ, ଖାରୁଆ ମଲ୍ଲିକ, ପ୍ରବୀର କମ୍ପ, ଜଗଦିଶ ବେହେରା, ପୁରୁଷୋତ୍ତମ କର୍ମୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ ।

# ୩ନଂ ୱାର୍ଡରେ ଦ୍ୱିତୀୟ ଜଳଛତ୍ରର ଶୁଭାରମ୍ଭ କଲେ କର୍ପୋରେଟର ସବିତା ସାହୁ

ବ୍ରହ୍ମପୁର, ୧୨।୪:(ମନ୍ଥନ) ମହାନଗର ନିଗମ ଅନ୍ତର୍ଗତ ୩'ନଂ ୱାର୍ଡ ଶଙ୍କରପୁର ସାହି ମାର୍କେଟ ଛକ ଠାରେ ଶନିବାର ଅପରାହ୍ନରେ ଏକ ଜଳଛତ୍ର ଷ୍ଟଲର ଶୁଭାରମ୍ଭ ହୋଇଛି । ସୁମନ ଏସଏଚଜି ଦ୍ୱାରା ପରିଚାଳିତ ଏହି ଜଳଛତ୍ରର ଶୁଭାରମ୍ଭ କାର୍ଯ୍ୟକ୍ରମରେ ୱାର୍ଡ କର୍ପୋରେଟର ଶ୍ରୀମତୀ ସବିତା ସାହୁ ଅତିଥି ରୂପେ ଯୋଗଦେଇ ରୀବନ କାଟି ଶୁଭାରମ୍ଭ କରିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ସାହୁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ, ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ଚଳିତ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ସୁବିଧା ଆରମ୍ଭ ହୋଇଥିବା ବେଳେ, ନିଗମ ଅନ୍ତର୍ଗତ ୪୨ଟି ୱାର୍ଡରେ ଏହାର ଶୁଭାରମ୍ଭ କରାଯାଇଛି । ସେଥି ମଧ୍ୟରେ ୩ନଂ ୱାର୍ଡରେ ପୂର୍ବରୁ ବାଲୁଙ୍କେଶ୍ୱର ମନ୍ଦିର ଛକ ଥରେ ଏକ ଜଳଛତ୍ର ଷ୍ଟଲର ଶୁଭାରମ୍ଭ ହୋଇଥିବା ବେଳେ, ଦ୍ୱିତୀୟ ଗୋଟି ଆଜି ଶଙ୍କରପୁର ସାହି ଠାରେ ଶୁଭାରମ୍ଭ ହୋଇଛି । ଯାହାକୁ ସୁମନ ଏସ ଏଚ ଜି ଦ୍ୱାରା ପରିଚାଳିତ ହେବା ସହ ଏହାର ରକ୍ଷଣା ବେକ୍ଷଣ ମଧ୍ୟ କରାଯିବ, ଦୈନିକ ଯାତ୍ରୀ ମାନଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବ ବୋଲି କହିଥିଲେ । ଏହି ଅବସରରେ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି କର୍ପୋରେଟର ଶ୍ରୀମତୀ ସାହୁଙ୍କ ସାଧୁବାଦ ଜଣାଇଥିଲେ । ଏହି ଜଳଛତ୍ର ଶୁଭାରମ୍ଭ ଦ୍ୱାରା ବହୁ ଦିନ ମଜୁରିଆ, ଶ୍ରମିକ, ମୂଲିଆ, ମିସ୍ତ୍ରୀ ଏବଂ ବହୁ ଆର୍ଥିକ ଅସମ୍ବଳ ଜନ ସାଧାରଣଙ୍କ ପାଇଁ ଏକ ସୁବିଧା ହେବ, ପୂର୍ବରୁ ପାଣି ପିଇବା ପାଇଁ ହେଲେ କିଣି ପିଇବାକୁ ହେଉଥିବା ଯାହା ବର୍ତ୍ତମାନ ଏହା ନିଶୁଳ୍କ ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଟୁନା ପାତ୍ର, ଶସ୍ମିତା ପାତ୍ର, ରିଙ୍କି ପାତ୍ର, ଶଙ୍କର ଗୌଡ଼, ନରସିଂହ ଡାକୁଆ ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ଟିକିରିବାରି ଆଦିବାସୀ ଗାଁରେ ରାସ୍ତା ଓ ପାନୀୟ ଜଳ ମୁଖ୍ୟ ସମସ୍ୟା

ଖଣ୍ଡପଡ଼ା, ୧୨।୪:(ମନ୍ଥନ)ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତ ଅଧୀନ ଆଦିବାସୀ ଗାଁ ଟିକିରିବାରି ଅବହେଳିତ ଅବସ୍ଥାରେ ଥିବା ନେଇ ଦେଖିବାକୁ ମିଳିଛି।ୟ ପଞ୍ଚାୟତ ଅଧୀନ ସମ୍ବରବିନ୍ଧା ଗ୍ରାମରୁ ପ୍ରାୟ ଦେଢ କିମି ଦୂର ଉକ୍ତ ଗାଁକୁ ଆଜି ମଧ୍ୟ ଭଲ ରାସ୍ତା ହୋଇପାରିନଥିବା ଦେଖିବାକୁ ମିଳିଛି । ପ୍ରତି ବର୍ଷେ ଦୁଇ ବର୍ଷ ଅନ୍ତର ମଧ୍ୟରେ ବନବିଭାଗ ପକ୍ଷରୁ ମାଟି ମୋରମ ଛିଞ୍ଚି ଲକ୍ଷାଧିକ ଟଙ୍କା ବିଲ ହେଉଥିବା ବେଳେ ରାସ୍ତା ଅବସ୍ଥା କିନ୍ତୁ ସୁଧୁରୁନି । ପ୍ରାୟ ୨୦ ପରିବାରର ଶହେରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଉକ୍ତ ଗାଁ ମଧ୍ୟରେ ଭଲ ରାସ୍ତା ନଥିବା ବେଳେ ଦୀର୍ଘବର୍ଷ ତଳର ସିମେଣ୍ଟ ରାସ୍ତା ଫାଟି ଆଁ କଲାଣି । ପିଇବା ନିମନ୍ତେ



ପାଣି ନଥିବାରୁ ଗାଁ ଠାରୁ ବହୁଦୂରରେ ଥିବା ଖୋଲା ଜଳଉତ୍ସରେ ନିତ୍ୟକର୍ମ ସାରୁଥିବା ସୌର ପ୍ରକଳ୍ପ ଥିବାବେଳେ ଖରାଦିନେ ଜଳସ୍ତର କମୁଥିବାରୁ କଲବଲ ହୋଇଥାନ୍ତି ଗ୍ରାମବାସୀ । ଅନ୍ୟପକ୍ଷରେ ପୋଖରୀରେ କ୍ଷୋଭର ସହ କହିଛନ୍ତି ସ୍ଥାନୀୟ ବାସିନ୍ଦା । ଗାଁରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଘର ସାମ୍ନାରେ ପାଣିଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଆସୁଛି । ନିର୍ବାଚନ ସମୟରେ ନେତାଙ୍କ ପାଦ ପଡୁଥିବା ବେଳେ ଅନ୍ୟ ସମୟରେ ବିଭିନ୍ନ ମୌଳିକ ସୁବିଧା କଥା ପ୍ରତିଶ୍ରୁତି ପାଣିର ଗାର ଭଳି ହୋଇଥିବା ଗ୍ରାମବାସୀ କୁହନ୍ତି । ଫଳରେ କାହା ସ୍ୱାର୍ଥରେ ପ୍ରଶାସନ ଓ ରାଜନେତା କାର୍ଯ୍ୟ କରୁଛନ୍ତି ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ପକ୍ଷରୁ ନିଶାମୁକ୍ତ ସମାବେଶ

ଖଣ୍ଡପଡ଼ା, ୧୨।୪:(ମନ୍ଥନ) ସାମାଜିକ ଅନୁଷ୍ଠାନ ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦ ପକ୍ଷରୁ ନିଶାମୁକ୍ତ ସମାଜ ଗଠନ ନେଇ ଏକ ସଂକଳ୍ପ ସମାବେଶ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ଗ୍ରାମର ପଞ୍ଚୁଦୋଳ ମେଳଣ ପଡିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛ । ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦର ଆବାହକ ତଥା ରାଜ୍ୟ ଯୁବମୋର୍ଚ୍ଚା ବିଜେପି ସଭାପତି ଅଭିଳାଷ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସମାବେଶରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୪୨ ଟି ପଞ୍ଚାୟତରୁ ହଜାର ହଜାର ଯୁବକ ଯୋଗ ଦେଇଥିଲେ । ଯୁବଶକ୍ତି ପରିଷଦର ସଭାପତି ଡା. ଶୁଭେନ୍ଦୁ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ସିନେ ତାରକା ବବି ମିଶ୍ର, ଆରଏସଏସର ଓଡିଶା ପୂର୍ବ ପ୍ରାନ୍ତ ସହ କାର୍ଯ୍ୟବାହକ ସୁଦର୍ଶନ ଦାସ, ବିଭାଗ ପ୍ରଚାରକ ଶିବାଜୀ ଭାଇ, ନୟାଗଡ ଜିଲ୍ଲା ପ୍ରଚାରକ ସୁମନ୍ତ ଭାଇ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ସମାବେଶ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ।ନିଶାମୁକ୍ତ ସମାଜ ଗଠନ ଦିଗରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେଥିପ୍ରତି ଯୁବକମାନେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା । ଏ ଅବସରରେ ସାମୁହିକ ହନୁମାନ ଚାଲିଶା ପଠନ ସହ ହିନ୍ଦୁ ପର୍ବ ପର୍ବାଣିରେ ନିଶାଦ୍ରବ୍ୟ ସଂପୂର୍ଣ୍ଣ ରୁପେ ବର୍ଜନ ନେଇ ସମସ୍ତେ ସଂକଳ୍ପ ନେଇଥିଲେ । ସଂକଳ୍ପ ସମାବେଶରେ ବରିଷ୍ଠ ସାମ୍ବାଦିକ ଭରତ କୁମାର ବେହେରା, ସଂଗଠକ ଜିତେନ୍ଦ୍ର କୁମାର କାଟିଆ, ସୁରେଶ ନାୟକ, ପରମେଶ୍ୱର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ରାଷ୍ଟ୍ରବାଦୀ ଯୁବଶକ୍ତି ପରିଷଦର କାର୍ଯ୍ୟଧାରା ସଂପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ ।

# ବାବା ଐଶାନେଶ୍ୱର ମହାଦେବଙ୍କ କ୍ଷୀର ସାଗର ମେଳା


କୋଣାର୍କ, ୧୨।୪:(ମନ୍ଥନ)କୋଣାର୍କର ଅନ୍ୟତମ ପ୍ରସିଦ୍ଧ ସନ୍ଥପୁର ଗ୍ରାମ ସ୍ଥିତ ପ୍ରାଚୀନ ଶୈବପୀଠ ବାବା ଐଶାନେଶ୍ୱର ମହାଦେବଙ୍କ ୧୧ ତମ କ୍ଷୀର ସାଗର ମେଳା ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ଖବରରୁ ପ୍ରକାଶ ଯେ ପ୍ରାଚୀନ ଶୈବପୀଠ ମାନଙ୍କ ମଧ୍ୟରେ ବାବା ଐଶାନେଶ୍ୱର ମହାଦେବ ଅନ୍ୟତମୟବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ବାବା ଐଶାନେଶ୍ୱର ମହାଦେବ ମନ୍ଦିର ପରିସରରେ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ପୂଜକ ଅଭୟ ପାଢୀ, ବିଭୂ ରଥ, ଅଜୟ ଦାଶ ଓ ରବିନ୍ଦ୍ର ନନ୍ଦଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ବାବା ଐଶାନେଶ୍ୱର ମହାଦେବଙ୍କ କ୍ଷୀର ସାଗର ମେଳା ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ସଂପାଦନ କରାଯାଇଥିଲାୟ ବାବାଙ୍କୁ ୫ ହଜାର ଲିଟର କ୍ଷୀରରେ ସ୍ନାନାଭିଷେକ କରାଯାଇଥିଲା ୟଏହି ପରିପ୍ରେକ୍ଷୀରେ ବାବାଙ୍କ ଦର୍ଶନ କରିବା ପାଇଁ ଐଶାନେଶ୍ୱରର ମହାଦେବ ମନ୍ଦିର ପରିସରରେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଭାପତି ସଦାଶିବ ବେହେରା, ସଂପାଦକ ନଟବର ମହାରଣା, ପୂର୍ଣ୍ଣଚନ୍ଦ୍ର ଦାସ, ଚିତ୍ତରଞ୍ଜନ ସାହୁ ଓ ଓକିଲ ବେହେରା ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ କର୍ତା ଓ କର୍ତୀ ଭାବେ ପ୍ରକାଶ ଦାସ ଓ ସୁଷମା ଦାସ ପ୍ରମୁଖ ଦାୟିତ୍ୱ ସଂପାଦନ କରିଥିଲେ ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୨।୪:(ମନ୍ଥନ)କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡା ମୁସଲିମବସ୍ତିର ସ୍ୱର୍ଗତ ମିର୍ଜାଇରଫାନ ବେଗ୍‌ଙ୍କ ପତ୍ନୀ ଗୋରୀ ବିବିଙ୍କ ୮୭ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଜନାଜା ପାଠ କରାଯିବା ପରେ ଚାଟରାଚକଡାସ୍ଥିତ କବରସ୍ଥାନରେ ତାଙ୍କୁ କବର ଦିଆଯାଇଛି ।

# ସରକାରୀ ନିୟମକୁ ଫୁଁ : ଦିନ ୧୨ଟା ପରେ ଖରାରେ ଚାଲିଛି ଢ଼ଳେଇ କାର୍ଯ୍ୟ

ମାହାଙ୍ଗା, ୧୨।୪:(ମନ୍ଥନ)ମାହାଙ୍ଗା ବ୍ଲକରେ ବିଭିନ୍ନ ପଂଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶାରେ ଢ଼ଳେଇ ରାସ୍ତା କାର୍ଯ୍ୟ ଦିନ ୧୨ଟା ପରେ ଖରାରେ ହେଉଥିବା ଦେଖିବାକୁ ମିଳିଛି । ସରକାର ଦିନ ସାଢ଼େ ୧୦ଟା ପରେ କୌଣସି କାର୍ଯ୍ୟ ଖରାରେ ଶ୍ରମିକମାନେ ନ କରିବା ପାଇଁ ଘୋଷଣା କରିଥିଲା ବେଳେ ମାହାଙ୍ଗାରେ କିନ୍ତୁ ଓଲଟା । ସରକାରୀ ନିୟମକୁ ଫୁଁ କରୁଛନ୍ତି ପ୍ରଶାସନିକ ଅଧିକାରୀମାନେ । ଏଠାରେ ସୂଚନା ଯୋଗ୍ୟ ଆଜି ୧୧ ତାରିଖ ମାହାଙ୍ଗା ବ୍ଲକର ବରାହିପୁର ପଂଚାୟତର ମଣିଯୋରୀ ଠାରେ ଆର୍ ଆଣ୍ଡ୍ ବି ରାସ୍ତା ଠାରୁ ମଣିଯୋରୀ ହରିଜନସାହି ରାସ୍ତା କାର୍ଯ୍ୟ ଦିନ ୧୨ଟା ପରେ ଖରାରେ ହେଉଥିବା ଦେଖିବାକୁ ମିଳିଥିଲା । ଛୁଟିଦିନରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚାଲିଥିଲା । ଏପରିକି ରାସ୍ତାରେ ଢ଼ଳେଇ ପଡିବା ପୂର୍ବରୁ ଠିକ୍ ଭାବରେ ବାଲି




ପକାଇଯାଇ ନଥିଲା । ଢ଼ଳେଇ କାର୍ଯ୍ୟ ବାଲି ଓ ସିମେଣ୍ଟର ପରିମାଣକୁ ନେଇ ମଧ୍ୟ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା । କାର୍ଯ୍ୟନିର୍ବାହୀ ସଂସ୍ଥା ବିଭାଗୀୟ ବୋଲି ଫଳକରେ ଉଲ୍ଲେଖ କରାଯାଇଛି । ହେଲେ ଛୁଟି ଦିନ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ ଅନୁପସ୍ଥିତିରେ କେଉଁମାନେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲେ ଏ ସଂପର୍କରେ ମାହାଙ୍ଗା ବିଡିଓଙ୍କୁ ଫୋନ୍‌ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଏ ସଂପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରୁଛି ବୋଲି କହି ଫୋନ୍ କାଟିଦେଇଥିଲେ । ପରେ ଯେତେଥର ଫୋନ୍ କଲେ ମଧ୍ୟ ସେ ଉଠାଇ ନଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ବ୍ଲକର ବିଭିନ୍ନ ପଂଚାୟତରେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା କାର୍ଯ୍ୟରେ ନିର୍ମିତ ଢ଼ଳେଇ ରାସ୍ତା ଅତିନିମ୍ନମାନର କରାଯାଉଛି । ସ୍ଥାନୀୟ ବିଧାୟକଙ୍କ ସମର୍ଥକମାନେ କାର୍ଯ୍ୟ କରୁଥିବାରୁ ବ୍ଲକ ଅଧିକାରୀମାନେ ଘଣ୍ଟୋଷ୍ଟଳରେ ଅନୁପସ୍ଥିତ ରହୁଛନ୍ତି ବୋଲି ଅଭିଯୋଗ ହେଉଛି । ଏଣୁ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଏଥିରେ ସଂପୃକ୍ତିଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସର୍ବସାଧାରଣରେ ଦାବି ହେଉଛି ।



ସୋମବାର ୧୩, ଏପ୍ରିଲ୍, ୨୦୨୬ ଭୁବନେଶ୍ୱର
MONDAY,13 APRIL, 2026, BHUBANESWAR

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମାନ ମାମଲାରେ ଭିନ୍ନ ଭିନ୍ନ ରାୟ

ସମାନ ପ୍ରସଙ୍ଗ ଉପରେ ଦୁଇଟି ପୃଥକ ମାମଲାରେ ଆଲାହାବାଦ ହାଇକୋର୍ଟର ଦୁଇ ପ୍ରକାରର ରାୟ, ଆଇନ ଓ ନୈତିକତାର ସୀମା ବା ମିଳନସ୍ଥଳ ହେଉଛି ଏକ କଠିନ କ୍ଷେତ୍ର ବୋଲି ସଂକେତ ପ୍ରଦାନ କରେ। ପୂର୍ବରୁ ଆଲାହାବାଦ ହାଇକୋର୍ଟର ଏକ ଜଣିକିଆ ଖଣ୍ଡପୀଠ ରାୟ ଦେଇଥିଲେ ଯେ, ଜଣେ ବିବାହିତ ବ୍ୟକ୍ତିର ସ୍ୱାମୀ କିମ୍ବା ତାଙ୍କର ପତ୍ନୀଙ୍କ ଠାରୁ ଛାଡପତ୍ର ନପାଇବା ପର୍ଯ୍ୟନ୍ତ ଜଣେ ତୃତୀୟ ବ୍ୟକ୍ତିଙ୍କ ସହିତ ଲିଭ-ଇନ ସମ୍ପର୍କରେ ରହିପାରିବେ ନାହିଁ। ଅନ୍ୟ ଏକ ମାମଲାରେ ଲିଭ-ଇନ-ସମ୍ପର୍କରେ ଥିବା ଏକ ଦମ୍ପତି ସ୍ୱାଧୀନ, ନିର୍ଭୟ ଏବଂ ଶାନ୍ତିରେ ବାସ କରିବା ପାଇଁ ଅଦାଲତଙ୍କ ଠାରୁ ସୁରକ୍ଷା ପ୍ରାର୍ଥନା କରିଥିବା ଏକ ଆବେଦନର ଶୁଣାଣୀ କହି ଦୁଇଜଣିଆ ଖଣ୍ଡପୀଠ ମତ ଦେଇଥିଲେ ଯେ, ସହମତି ଭିତିରେ ଦୁଇ ପ୍ରାପ୍ତବୟସ୍କଙ୍କ ମଧ୍ୟରେ ଲିଭ-ଇନ୍ ସମ୍ପର୍କ, ଏପରିକି ଜଣେ ସେମାନଙ୍କ ମଧ୍ୟରେ ବିବାହିତ ଥିଲେ ମଧ୍ୟ ତାହା ଏକ ଅପରାଧ ବା ବେଆଇନ ନୁହେଁ। ଉଲ୍ଲେଖଯୋଗ୍ୟ, ଗୋଟିଏ ମାମଲାରେ ବ୍ୟକ୍ତିଗତ ସ୍ୱାଧୀନତା ନାମରେ ଏଭଳି ଏକ ଦମ୍ପତିଙ୍କୁ ସୁରକ୍ଷା ଦେଇ ସେମାନଙ୍କ ଦାମ୍ପତ୍ୟର ଆଇନଗତ ଅଧିକାରକୁ ଅଣଦେଖା କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଥିବା ବେଳେ ଅନୁରୂପ ଅନ୍ୟ ଏକ ମାମଲାରେ ସହମତିରେ ଲିଭ-ଇନ-ସମ୍ପର୍କରେ ବେଆଇନ ନୁହେଁ ବୋଲି ଦର୍ଶାଇ ସୁରକ୍ଷା ପ୍ରଦାନ କରିବା ନିଶ୍ଚିତ ଭାବେ ପରସ୍ପରର ବିରୁଦ୍ଧାଚରଣ କରୁଛି । କେବଳ ଏତିକି ନୁହେଁ, ବାସ୍ତବରେ ଏହା ଏକ ଗଭୀର ଆଇନଗତ ଶୂନ୍ୟତାର ପ୍ରତିବିମ୍ବିତ କରୁଛି ବୋଲି କୁହାଯାଇପାରିବ। ସମ୍ବିଧାନର ୨୧ଧାରା ଅନୁସାରେ ବ୍ୟକ୍ତିଗତ ସ୍ୱତନ୍ତ୍ର ଏବଂ ଜୀବନ ଧାରଣାରେ ଅଧିକାରର ଅଂଶବିଶେଷ ଭାବେ ଲିଭ-ଇନ-ସମ୍ପର୍କକୁ ଭାରତୀୟ ଆଇନ ସ୍ୱୀକୃତି ଦେବା ପାଇଁ ଏବେ ଅତ୍ୟନ୍ତ ସତର୍କତାର ସହ ଅଗ୍ରସର ହେଉଛି। ଭାରତୀୟ ଆଇନ ବିବାହକୁ ଏକ ଆଇନଗତ ପ୍ରବର୍ତ୍ତନକ୍ଷମ ଅନୁଷ୍ଠାନ ଭାବେ ପ୍ରାଧାନ୍ୟ ପ୍ରଦାନକୁ ଅକ୍ଷୁର୍ଣ୍ଣ ରଖିଥିବାବେଳେ ଅଧିକାର ଓ ଆଇନଗତ ବାଧ୍ୟତାକୁ ଅବିଚାରିତ ଭାବେ ଅଗ୍ରାହ୍ୟ କରାଯାଇପାରବି ନାହିଁ। ଏହା ସତ୍ୟ ଯେ, ଭାରତରେ ବିବାହ ଉଭୟ ପରସ୍ପର ବୁଝାମଣା ଏବଂ ଏକ ଗଭୀର ତଥା ଅତୁଟ ସାମାଜିକ ବନ୍ଧନର ପ୍ରତୀକ। ତେଣୁ ଚିନ୍ତା କେବଳ ଆଇନଗତ ନୁହେଁ, ଏହା ହେଉଛି ସାମାଜିକ ଓ ନୈତିକ। ମାତ୍ର ଆଧୁନିକ ବା ମର୍ତ୍ତର୍ଣ୍ଣ ସମ୍ପର୍କର ବାସ୍ତବତା ହେଉଛି ଅସ୍ଥିର। ବିବାହ ବନ୍ଧନକୁ ଆନୁଷ୍ଠାନିକ ଭାବେ ସମାପ୍ତ ନକରି ଜଣେ ବ୍ୟକ୍ତିଗତ ଭାବେ ଲିଭ-ଇନ୍ ସମ୍ପର୍କରେ ରହିଲେ, ଆଇନ କଦାପି ଆଖିବୁଜି ରହିପାରିବ ନାହିଁ। ସୁରକ୍ଷା କିମ୍ବା ମାନ୍ୟତା ଅଗ୍ରାହ୍ୟ ଏଭଳି ସମ୍ପର୍କକୁ ଭାଙ୍ଗେ ନାହିଁ। କିନ୍ତୁ ସେମାନଙ୍କୁ ବିପଦ ଓ ଆଇନଗତ ଅନିଶ୍ଚିତତାକୁ ଠେଲି ଦିଏ। ଗୋଟିଏ ହାଇକୋର୍ଟର ସମାନ ମାମଲା ଉପରେ ପୃଥକ୍ ପୃଥକ ରାୟ ବିଭ୍ରାଟ ସୃଷ୍ଟି କରିବା ଆଶଙ୍କା କରାଯାଏ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଆଜିର ଯୁବକ-ଯୁବତୀ ବିବାହ ଅପେକ୍ଷା ଲିଭ-ଇନ-ସମ୍ପର୍କରେ ରହିବାକୁ ପସନ୍ଦ କରୁଥିବା ଜଣାଯାଏ। ପରିବାର ଜଂଜାଳରେ ନରହି ସେମାନେ ସ୍ୱାଧୀନ ଭାବେ ରହିବାକୁ ଆଗ୍ରହୀ। କିନ୍ତୁ ଏହି ସମ୍ପର୍କ ସ୍ଥାୟୀ ହୋଇ ରହିପାରୁନାହିଁ। ବଳାତ୍କାର, ହତ୍ୟା, ଶୋଷଣରେ ପରିଣତି ହୋଇଛି। ଏ ନେଇ ଅଭିଯୋଗ ବଢିବାରେ ଲାଗିଛି। ଏବେ ଆଲାହାବାଦ ହାଇକୋର୍ଟଙ୍କ ରାୟ ସମ୍ବିଧାନର ୨୧ଧାରା ଅନୁସାରେ ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାତନ୍ତ୍ରତା ଆଧାରାର ମାନ୍ୟତା ପ୍ରଦାନ କରିଛନ୍ତି। ଯାହାକି ଭାରତୀୟ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାର ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଏ ନେଇ ବିଧେୟକରେ ସ୍ପଷ୍ଟିକରଣର ଆବଶ୍ୟକତା ରହିଛି। ସାମାଜିକ ନୈତିକତା ଏବଂ ଆଇନ ଉପରେ ଏହାର ପ୍ରଭାବ ଏବେ ଏକ ଗମ୍ଭୀର ପ୍ରସଙ୍ଗ ବୋଲି କୁହାଯାଇପାରେ।

# ଦୈନିକ ଦେଣନେଣ କାରବାରରେ ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସ

**ଡ଼କ୍ଟର ତପନ କୁମାର ପାଳ**

ଇସଲାମାବାଦରେ ଆମେରିକା-ଇରାନ ଭିତରେ ଯୁଦ୍ଧ ପ୍ରଶମିତ ନିମିତ୍ତ ବୈଠକ ଚାଲିଛି। ଆପଣ ହୁଏତ ପଚାରି ପାରନ୍ତି ଯେ ଏ ଖବର ସହିତ ମୋ ଶୀର୍ଷକର ସମ୍ପର୍କ କ'ଣ ରହିଛି ? ବାସ୍ତବ କଥା ହେଉଛି କେବଳ ଭାରତୀୟ ବଜାରରେ ନୁହେଁ ବିଶ୍ୱ ଅର୍ଥନୀତି, ପ୍ରତିପତ୍ତି ଓ ଆର୍ଥିକ ଆଧିପତ୍ୟରେ ସୁନାର ସ୍ଥାନ କାଳେ କାଳେ ସ୍ୱତନ୍ତ୍ର ଓ ଅନନ୍ୟ ହୋଇ ରହିଛି। ସମଗ୍ର ବିଶ୍ୱ ବଜାରରେ ପ୍ରତି ବର୍ଷ ଭାରତ କ୍ୱିଣ୍ଟାଲ କ୍ୱିଣ୍ଟାଲ ସୁନା ବାହାରରୁ ଆମଦାନୀ କରିଥାଏ। ତେବେ ବିଶ୍ୱର ଯେ କୌଣସି ବଡ଼ ଶକ୍ତି ସହିତ ଅନ୍ୟ ଦେଶର ଯୁଦ୍ଧ ଆରମ୍ଭ ହୋଇଗଲେ ସୁନାର ବଜାର ମୂଲ୍ୟ ଉଚ୍ଚା ନୀଚା ହୋଇଥାଏ। ତେବେ ଭାରତରେ ସୁନା କେବଳ ଗହଣା ଭାବେ ସମସ୍ତଙ୍କର ଆଦରଣୀୟ ହୋଇନଥାଏ। ସବୁଠାରୁ ବଡ଼କଥା ହେଉଛି ଅସୁବିଧା, ଆବଶ୍ୟକତା ସମୟରେ ସୁନା ହେଉଛି ଘରର ସବୁଠାରୁ ନିର୍ଭରଯୋଗ୍ୟ ସହାୟକ ଓ ମଜଭୁତ ଆର୍ଥିକ ସମ୍ପତ୍ତି। ଏହି କାରଣ ପାଇଁ ଅନେକ ଭାରତୀୟ ପରିବାର ସୁନାରେ ନିବେଶ ବା ଇନଭେଷ୍ଟ କରିଥାନ୍ତି। ସୁନା ଏକ ପ୍ରକାରର ପ୍ରମୁଖ ସହାୟକ ସଞ୍ଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣଙ୍କର ବା ଗୋଟିଏ ପରିବାରର କୌଣସି ଆବଶ୍ୟକତା ବା ଦୁଃସ୍ଥିତି ପଡ଼ିଲେ ସୁନା ବ୍ୟାଙ୍କରେ ବନ୍ଧକ ରଖି ହେଉ ବା ହାତ ଉଧାରି ସୁଧ ଲଗାଉଥିବା ଲୋକମାନଙ୍କ ପାଖରେ ସୁନା ରଖି ନିରାପଦରେ କିଛି ଟଙ୍କା ଅଣାଯାଇଥାଏ। ତେବେ ମୋର ଆଜିର ଛୋଟିଆ ଆଲୋଚନାଟି ହେଉଛି ଜଣେ ଗୋଲଡ ଓଭର ଡ୍ରାଫ୍ଟ ମାଧ୍ୟମରେ କିପରି ବ୍ୟାଙ୍କରୁ ପଇସା ଉଠାଇ ପାରିବ ଏବଂ ଏହାର ନିରାପଦ ଦେଣ ନେଣ ବ୍ୟବସ୍ଥାଟି କ'ଣ ?

ଯୁଗେ ଯୁଗେ ସୁନାର ମୂଲ୍ୟ ପ୍ରାୟତଃ ଚଢ଼ା ରହିଥାଏ। କେତେବେଳେ କେମିତି ବିଶ୍ୱ ଅର୍ଥନୀତି ଉଠପଡ଼କୁ ଦେଖି କିଛି ମୂଲ୍ୟ କମିଥାଏ କିନ୍ତୁ ସୁନାର ମୂଲ୍ୟ କ୍ରମାଗତ ଭାବେ ଯେ ବଢ଼ି ଚାଲିଛି ଏହା ଯେ କେହି ଅନୁଭବ କରିବା। ମୋର ଆଜିର ଆଲୋଚନାଟି ହେଉଛି ବ୍ୟାଙ୍କିଙ୍ଗ ସେବାରେ ଗୋଲଡ ଓଭର ଡ୍ରାଫ୍ଟ ସୁବିଧା ସମ୍ପର୍କରେ। କୌଣସି ବ୍ୟାଙ୍କ ହେଉ ବା ଅର୍ଥନୈତିକ ସଂସ୍ଥା ଜଣଙ୍କ ସୁନାକୁ ବନ୍ଧକରେ ରଖି ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଅନୁଯାୟୀ ଏକ ବିଧିବଦ୍ଧ ଭାବେ ଓଭର ଡ୍ରାଫ୍ଟ ଖାତା ଖୋଲି ଥାଆନ୍ତି। ଯେଉଁଥିରେ ନିର୍ଦ୍ଧାରିତ ପରିମାଣର ଅର୍ଥ ମଞ୍ଜୁର




ହୋଇଥାଏ। ତେବେ ଏଇଠି ଆଉ ଟିକିଏ ସ୍ପଷ୍ଟ କରିରଖୁଛି ଆପଣଙ୍କର ଅନୁମୋଦିତ ହୋଇଥିବା ବା ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ଏକାଥରକେ ନେବା ଜରୁରୀ ନୁହେଁ। ଏଠାରେ ମୁଁ ଏକ ଉଦାହରଣରେ ଏହି ଓଭର ଡ୍ରାଫ୍ଟ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ଆଉ ଟିକିଏ ସରଳ ଭାବରେ ବୁଝାଉଛି। ଧରନ୍ତୁ ଆପଣଙ୍କର ଯେତିକି ପରିମାଣର ସୁନା ବ୍ୟାଙ୍କକୁ ନେଇଛନ୍ତି ଆପଣଙ୍କୁ ବ୍ୟାଙ୍କ ମନେ କରନ୍ତୁ ପାଞ୍ଚଲକ୍ଷ ଟଙ୍କାର ଓଭର ଡ୍ରାଫ୍ଟର ଅନୁମତି ଦେଇଛି। ଯଦି ଆପଣ ସଂପୂର୍ଣ୍ଣ ଅର୍ଥରାଶି ବା ପାଞ୍ଚଲକ୍ଷ ଟଙ୍କା ଏକକାଳୀନ ନ ଉଠାଇବା ପାଇଁ ଚାହାଁନ୍ତି କେବଳ ସର୍ବନିମ୍ନ ଭାବେ ପଚାଶ ହଜାର ଟଙ୍କା ଉଠାଇବାକୁ ଚାହୁଁଥିବେ, ଏ କ୍ଷେତ୍ରରେ ଗୋଲଡ ଓଭର ଡ୍ରାଫ୍ଟର ସ୍ୱତନ୍ତ୍ର ବିଶେଷତ୍ୱ ଅନୁଯାୟୀ ଆପଣଙ୍କୁ କେବଳ ଉଠାଇ ଥିବା ପଚାଶ ହଜାର ଟଙ୍କା ଉପରେ ହିଁ ସୁଧ ପରିଶୋଧ କରିବାକୁ ପଡ଼ିବ।

ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ସତରେ କ'ଣ ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଲାଭଜନକ ଓ ନିରାପଦ ? ଏହା ନିଶ୍ଚିନ୍ତ ଯେ ଆପଣ ଯେତେ ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଚାହିଁଲେ କେବଳ ସେତିକ ଟଙ୍କା ଉପରେ ହିଁ ବ୍ୟାଙ୍କ ଆପଣଙ୍କ ଠାରୁ ସୁଧ ଗ୍ରହଣ କରିବ। ପରବର୍ତ୍ତୀ ସମୟରେ ଆପଣଙ୍କର ସୁବିଧା ଅସୁବିଧା ଦେଖି ନିୟମିତ ବ୍ୟବଧାନରେ ସମୟର ଆବଶ୍ୟକତାକୁ ପୂରଣ ପାଇଁ ବାରମ୍ବାର ଟଙ୍କା ଉଠାଇ ପାରିବେ। ସେହିପରି କୌଣସି ସୂତ୍ରରୁ ଅର୍ଥ ଆସୁଥିଲେ ତାର ପରିଚାଳନ ସହଜ ହୁଏ ଏବଂ ଜରୁରୀ ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଅର୍ଥ ବ୍ୟାଙ୍କ ଠାରୁ ମିଳିବାର ବଡ଼ ସୁଯୋଗ ପାଇଥାନ୍ତି।

ବ୍ୟାଙ୍କରେ ସୁନା ବନ୍ଧକ ରଖି ଟଙ୍କା ଆଣିବା ସମ୍ପର୍କରେ ଅନ୍ୟ ଏକ ବ୍ୟବସ୍ଥା ମଧ୍ୟ ରହିଛି। ଯାହାକୁ ପାରମ୍ପରିକ ଗୋଲଡ଼ ଲୋନ ବ୍ୟବସ୍ଥା କୁହାଯାଇଥାଏ। ତେବେ ସାଧାରଣ ସୁନା ଋଣରେ ଗୋଟିଏ ଥରରେ ସମସ୍ତ ଅର୍ଥରାଶି ମିଳିଯାଉଥିବାବେଳେ ଏବଂ ସେହି ସମୁଦାୟ ଅର୍ଥରାଶି ଉପରେ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ। ହୁଏତ ଆପଣ ସେ ଟଙ୍କାକୁ କାର୍ଯ୍ୟରେ ଲଗାଇ ପାରନ୍ତି ବା ନହେଲେ ଆପଣଙ୍କ ଆକାଉଣ୍ଟରେ ତାହା ପଡ଼ି ରହିଥାଏ। ଏହା ହେଉଛି ପାରମ୍ପରିକ ଗୋଲଡ଼ ଲୋନ। ତେବେ ଆମେ ଆଲୋଚନା କରୁଥିବା ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସରେ କିନ୍ତୁ ସୁବିଧା ସ୍ୱତନ୍ତ୍ର ଓ ଅଲଗା। ଗୋଲଡ଼ ଓଭର ଡ୍ରାଫ୍ଟ ସେବା ସବୁଠାରୁ ନିରାପଦ ଓ ଶ୍ରେଷ୍ଠ ବିକଳ୍ପ କୁହାଯାଏ ଏହି କ୍ଷେତ୍ରରେ ଯେ ଯେଉଁମାନେ ବାରମ୍ବାର କିଛି ଅର୍ଥରାଶି ଆବଶ୍ୟକ କରିଥାନ୍ତି ସେମାନଙ୍କ ପାଇଁ ଏହା ସୁବିଧା ଜନକ। ବଡ଼କଥା ହେଉଛି ଏହା ଏକ ଏପରି ବିଶ୍ୱାସଯୋଗ୍ୟ ଉପାୟ ଯାହା ଆପଣଙ୍କୁ ସୁନାର ଉଚିତ ବ୍ୟବହାର କରିବା ପାଇଁ ସୁଯୋଗ ଦେଇଥାଏ। ତେବେ ଏଇଠି ସୁନା ବନ୍ଧକ ରଖୁଥିବା ଗ୍ରାହକ ଜଣଙ୍କ ଏକ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି। ତାହା ହେଉଛି ଅନ୍ୟ ଋଣ ସୁବିଧା ଭଳି ଆପଣଙ୍କୁ ଏ କ୍ଷେତ୍ରରେ ଅନାବଶ୍ୟକ ସୁଧ ଦେବାକୁ ପଡ଼ି ନଥାଏ। ଗୋଲଡ଼ ଓଭରଡ୍ରାଫ୍ଟ ସେବା ଜଣଙ୍କ ପରିବାରର ସ୍ୱର୍ଣ୍ଣିମ ଅର୍ଥନୀତିର ଏମ ମଜଭୁତ୍ ଓ ନିରାପଦ ବ୍ୟବସ୍ଥା। ଆଜିକାଲି ଅନେକ ଘରୋଇ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ରିଜର୍ଭ ବ୍ୟାଙ୍କର ଅନୁମୋଦନ ନପାଇଥିବା ଆର୍ଥିକ ସଂସ୍ଥା ଗୁଡ଼ିକ ସୁନା ରଖି ବନ୍ଧକ ବାବଦ ଟଙ୍କା ଦେଉଛନ୍ତି। ଏ କ୍ଷେତ୍ରରେ ନିବେଶ କରିବା ପୂର୍ବରୁ ଆପଣ ଭଲ ଭାବେ ବୁଝି ନିଅନ୍ତୁ। କାରଣ ଏପରି ଅନେକ ଠକ ଓ ମିଛ ପ୍ରମାଣପତ୍ର ଲୋକଙ୍କୁ ଦେଖାଇ ସୁନା ବନ୍ଧକ ରଖି ପରବର୍ତ୍ତୀ ସମୟରେ ଚମ୍ପଟ ମାରିବାର ଅଭିଯୋଗ ମଧ୍ୟ ଅନେକ ରହିଛି। ଅନେକ ଲୋକ ସୋସିଆଲ ମିଡ଼ିଆରୁ ବୁଝି ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ କିଛି ତଥ୍ୟ ପାଉଥିଲେ ମଧ୍ୟ ସୁନା ପରି ଆପଣଙ୍କର ଜୀବନର ମୂଲ୍ୟବାନ ପରିଶ୍ରମର ଏତେବଡ଼ ସମ୍ପତ୍ତିକୁ କିଭଳି ସୁରକ୍ଷିତ ଭାବେ ରଖି ନିଜ ତତ୍କାଳ କର୍ମ ଚଳେଇବା ପାଇଁ ଅର୍ଥ ଉଠାଉଥିବାରୁ, ଏ କ୍ଷେତ୍ରରେ ଆଦୌ ତରବର ନହୋଇ ବା କାହାର କାନକୁହା କଥା ନଶୁଣି କେବଳ ବଡ଼ ବଡ଼ ସରକାରୀ ଅନୁବନ୍ଧିତ ବ୍ୟାଙ୍କରେ ସୁନା ରଖନ୍ତୁ ନଚେତ ଆପଣଙ୍କର ମୂଲ୍ୟବାନ ସମ୍ପତ୍ତି ଅକାରଣରେ ହଡ଼ପ ହୋଇଯିବ। ଓଡ଼ିଆରେ ଏକ ପ୍ରାଚୀନତମ କଥା ଅଛି 'ଦୁଃଖି ସଞ୍ଚିଥିଲା ଧନ, ମୂଷା କଲା ଜଳପାନ'।

ଏସବିଆଇ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ

# ଭୁବନେଶ୍ୱର ପାଲଟିବ ସହରୀ ଉଷ୍ମଦ୍ୱୀପ !

**ଡ଼ଃ.ଅରୁନ୍ଧତୀ ଦେବୀ**

ଖରାର ପ୍ରକୋପ ବଢ଼ି ଏବେ ତାତିର ରାଜୁତି। ଏବେ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ପବନ ସହ ଝଡ଼ବର୍ଷା ଲାଗି ରହୁଛି। ଦ୍ୱୈତ ନଗରୀ କଟକ-ଭୁବନେଶ୍ୱର ବ୍ୟତୀତ ଓଡ଼ିଶାର ବିଭିନ୍ନ ଛୋଟ ବଡ଼ ସହରରେ ଖରା ଟାଣ ହେଉଥିଲେ ବି ସାମୁଦ୍ରିକ ବାୟୁ ପ୍ରଭାବରେ ମନୋରମ ପରିବେଶ ରହିଛି। ଦୁଇ ଦିନ ପରେ ପୁଣି କ୍ରମାଗତ ଭାବେ ରାଜଧାନୀ ଓ ରାଜ୍ୟର ତାପମାତ୍ରା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାଜ୍ୟର ପ୍ରମୁଖ ସହରରେ ଏଲପିଜି ଗ୍ୟାସ ସଙ୍କଟ ଯୋଗୁଁ ଅନେକ ଛୋଟ ଛୋଟ ହୋଟେଲ ଓ ଜଳଖିଆ ଦୋକାନୀ କାଠଚୁଲି ଓ କୋଇଲା ଚୁଲିରେ ରୋଷେଇ କରୁଛନ୍ତି। ଯାହାକି ଏବେ ପ୍ରମୁଖ ସହର ପାଇଁ ଏକ ସଙ୍କଟ ପାଲଟିବ ବୋଲି ପାଣିପାଗ ବିଜ୍ଞାନୀମାନେ ଚିନ୍ତା ପ୍ରକଟ କଲେଣି। ଗ୍ରୀଷ୍ମ ଆସିଲେ ସହରୀକରଣ ଓ ଆର୍ଦ୍ରଭୂମିର ଅଭାବ ସହର ମାନଙ୍କ ପାଇଁ କାଳ ହୁଏ। ଏଥର ପୁଣି ଗ୍ରୀଷ୍ମ ପ୍ରଭାବ ଦିନ ସଂଖ୍ୟା ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ଏପରି ସ୍ଥଳେ କାଠଚୁଲିର ବ୍ୟବହାର ସହରିଆଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ହେବ କୁହାଯାଉଛି। ପାଣିପାଗ ବିଶେଷଜ୍ଞ କହିଛନ୍ତି, ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ପାଲଟିଯାଏ। ଗତ କାଲି ରାଜଧାନୀବାସୀ ଏହାର ଝଲକ ଦେଖିସାରିଛନ୍ତି। ସେ ଦିନ ରାଜଧାନୀର ଦିନ ତାପମାତ୍ରା ୩୮.୬ ଡିଗ୍ରୀ ରେକର୍ଡ଼ ହୋଇଥିଲା। ଅନ୍ୟପଟେ କଟକର ଦିନ ତାପମାତ୍ରା ଭୁବନେଶ୍ୱର ଠାରୁ ୩ଡିଗ୍ରୀ କମ ଅର୍ଥାତ୍ ୩୫.୬ ଡିଗ୍ରୀ ରହିଥିଲା। ଏହି ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡୁଛି ଭୁବନେଶ୍ୱର ଧୀରେ ଧୀରେ ଏକ ଉଷ୍ମଦ୍ୱୀପ ଭାବେ ମୁଣ୍ଡ ଟେକିଲାଣି। ସମାନ ଦ୍ରାଘିମା ଏବଂ ଅତି ନିକଟବର୍ତ୍ତୀ ଅକ୍ଷାଂଶରେ ଥିବା କଟକ ସହରର ସର୍ବୋଚ୍ଚ ତାପମାତ୍ରା ଭୁବନେଶ୍ୱର ସହ ସମାନ ରହିବା କଥା। କିନ୍ତୁ ସେଥିରେ ବିଲକ୍ଷଣ ଦେଖାଯାଉଛି। ସବୁବେଳେ କଟକର ଦିନ ତାପମାତ୍ରା ଭୁବନେଶ୍ୱର ଠାରୁ ୩ରୁ ୪ ଡିଗ୍ରୀ କମ ରହୁଛି।

ଉଷ୍ମଦ୍ୱୀପ ଏମିତି ଏକ କ୍ଷେତ୍ର, ସମାନ ସୂର୍ଯ୍ୟକିରଣ ସତ୍ତ୍ୱେ ଯାହା ନିଜ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଠାରୁ ଅଧିକ ଉତ୍ତପ୍ତ ରହେ। ଏହାର ମୁଖ୍ୟ କାରଣ ହେଉଛି ସୁଉଚ୍ଚ କଂକ୍ରିଟ ଅଟ୍ଟାଳିକା, ପିଚୁ, ସଡ଼କ, କଂକ୍ରିଟ ଜଙ୍ଗଲ, ଗଛକଟା ତଥା ଆର୍ଦ୍ରଭୂମି ନଷ୍ଟ। ରାଜଧାନୀ ଭୁବନେଶ୍ୱରର ଭୁଲ ଟାଉନ ପ୍ଲାନିଂ ଓ ଆର୍ଦ୍ରଭୂମିର ଅଭାବ ଏହାକୁ ଧୀରେ ଧୀରେ ଉଷ୍ମଦ୍ୱୀପରେ ପରିଣତ କରୁଛି। ବାସ୍ତବରେ ଭୁବନେଶ୍ୱର ସମୁଦ୍ର ଠାରୁ ମାତ୍ର ୬୦ କିମି ଦୂରତା ମଧ୍ୟରେ ରହୁଛି। ଫଳରେ ରାଜଧାନୀକୁ ଅପରାହ୍ନ ୩ଟା ଆଡ଼କୁ ସାମୁଦ୍ରିକ ପବନ ବହେ। ଯାହାକି ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଥିଲା। ହେଲେ ସାମୁଦ୍ରିକ ପବନ ଆସିବା ଦିଗରେ ଉଚ୍ଚ ଉଚ୍ଚ ଅଟ୍ଟାଳିକା ବାଧକ ସାଜିଥିବା ବେଳେ ସହର ଭିତରର ଉଷ୍ମବାୟୁ ବାହାରକୁ ବାହାରିପାରୁନାହିଁ। ଫଳରେ ରାଜଧାନୀ ଖରାଦିନେ ସହରୀ ଉଷ୍ମଦ୍ୱୀପରେ ପରିଣତ ହୋଇଯାଏ। ଆଉ ଏବେ ଅତ୍ୟଧିକ ପରିମାଣରେ କାଠଚୁଲିର ବ୍ୟବହାର ଏହି ସମସ୍ୟାକୁ ଆହୁରି ବଢ଼ାଇଦେବ। ଇଏ କେବଳ ରାଜଧାନୀର କଥା ନୁହେଁ, ଓଡ଼ିଶାର ହଜାର ବର୍ଷର ସହର ଭାବେ ସମୃଦ୍ଧ କଟକର ମଧ୍ୟ ସମାନ ପରିସ୍ଥିତି। ତେବେ କଟକର ଦୁଇପଟରେ ନଦୀ ରହୁଥିବାରୁ ଏବଂ କଟକର ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ରହିଥିବା ଜନବସତିରେ ପ୍ରାୟତଃ ବୃକ୍ଷରାଜି ଅନେକ ରହୁଥିବାରୁ ପରିସ୍ଥିତି ସାମାନ୍ୟ ଭିନ୍ନ ରହୁଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ଆମ ଚାହିଦାକୁ ଦେଖି ଯେଉଁପରି ଭାବରେ ପ୍ରଚୁର ପରିମାଣରେ ଗଛ କାଟୁଛେ ସେହି ଅନୁପାତରେ ଗଛ ଲାଗୁନାହିଁ। ତେଣୁ ଦିନକୁ ଦିନ ବିଶାଳ ସବୁଜ କଂକ୍ରିଟ ମୁଣ୍ଡ ଟେକୁଥିବାବେଳେ ବୃକ୍ଷ ରୋପଣ ଖୁବ କମ ହେଉଛି। ସେହିପରି ଜଳବାୟୁର ବେଲଗାମ ପରିସ୍ଥିତି ଅନେକ ସମୟରେ ଅଚାନକ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ସୃଷ୍ଟି କରୁଛି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ୍ଭେମାନେ ଯଥାସମ୍ଭବ ସବୁଜ ପରିବେଶ ତିଆରି କରିବା, ଆଖପାଖ ପରିବେଶକୁ ସଫା ସୁତୁରା ରଖିବା ଏବଂ ପରିବେଶକୁ କିପରି ତାତିରେ ନବଢ଼ାଇବା ସେ ଦିଗକୁ ଲକ୍ଷ୍ୟ ରଖିବା ସହ ସୀମିତ ଗ୍ୟାସ ବ୍ୟବହାର କରି ଆମେ ଆମ ଜୀବନ ପ୍ରଣାଳୀକୁ ଆଗେଇ ନେଇପାରିବା।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ମହାବିଷୁବ ସଂକ୍ରାନ୍ତି ଓ ଶ୍ରୀକ୍ଷେତ୍ର ଜଗନ୍ନାଥ ବଲ୍ଲଭର 'ମହାବୀର ନୀଳ'

**ପୁଷ୍ପମିତ୍ର ମହାପାତ୍ର**

ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଏ । ଓଡ଼ିଆ ପଞ୍ଜିକା ଗଣନାନୁସାରେ ଏହି ଦିନ ବର୍ଷାରମ୍ଭର ପ୍ରଥମ ଦିନ । ସୌରମାନ ଅନୁସାରେ ସୂର୍ଯ୍ୟ ଗୋଟିଏ ରାଶିରୁ ଯେଉଁଦିନ ଅନ୍ୟ ରାଶିକୁ ଗମନ କରନ୍ତି ସେଦିନ ହିଁ ମାସର ପ୍ରଥମ ଦିନ ଓ ସଂକ୍ରାନ୍ତି । ମହାବିଷୁବ ସଂକ୍ରାନ୍ତିର ଅନ୍ୟ ନାମ ପଣା ସଂକ୍ରାନ୍ତି ଓ ଜଳ ସଂକ୍ରାନ୍ତି ମଧ୍ୟ । ଏହି ସମୟରେ ଜଳଦାନ ଅତି ପୁଣ୍ୟ କାର୍ଯ୍ୟ ହୋଇଥିବାରୁ ହିନ୍ଦୁ ପରିବାରରେ ଚଉରାରେ ତୁଳସୀ ବୃକ୍ଷ ଉପରେ ଘଡ଼ିରେ ଜଳ ରଖି ସୂକ୍ଷ୍ମ ରନ୍ଧ୍ର ସାହାଯ୍ୟରେ ଜଳଧାର ପ୍ରଦାନର ବିଧି ରହିଛି । ଏହି ଦିନ ଉଦ୍ଯାପନ ହୁଏ ପବିତ୍ର ଝାମୁ ବ୍ରତ ଓ ଦଣ୍ଡଯାତ୍ରାର । ଉତ୍ତର ଭାରତରେ ମହାବିଷୁବ ସଂକ୍ରାନ୍ତି ଠାରୁ ମାନସିକ କରି ଧାନ୍ୟ, ଲବଣ, ଭୋଗ, ରୂପ, ତେଜ, ସୌଭାଗ୍ୟ, ତାମ୍ବୁଳ, ମନୋରଥ, ଅଶୋକ, ଆୟୁ ଏବଂ ଧନ ସଂକ୍ରାନ୍ତି ବ୍ରତ ପାଳନ ଆରମ୍ଭ ହୁଏ । ପୁଣି ବର୍ଷକ ପରେ ଏହି ସଂକ୍ରାନ୍ତି ଦିନ ବ୍ରତ ଉଦ୍ଯାପନ ହୁଏ । ଏହି ଦିନ ପାଳିତ ହୁଏ ହନୁମାନ ଜୟନ୍ତୀ । ତେବେ ଏହି ମହାବିଷୁବ ସଂକ୍ରାନ୍ତି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରର ଜଗନ୍ନାଥ ବଲ୍ଲଭ ସ୍ଥିତ 'ମହାବୀର ନୀଳ'ଙ୍କ ଐତିହ୍ୟ, ମହିମା ଓ ସମ୍ୟକ ଅନାଲୋଚିତ ତଥ୍ୟ ଉପସ୍ଥାପନ କରୁଛୁ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅନନ୍ୟ, ମହିମା, କିମ୍ବଦନ୍ତୀ, ଲୋକକଥା ମଧ୍ୟ ଅନେକ ରହିଛି। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ହେଉଛି ଐତିହ୍ୟ ନଗରୀ ଓ ଏଥିରେ ରହିଛି ଅନେକ ଆଧ୍ୟାତ୍ମିକ ଐତିହ୍ୟ କୀର୍ତ୍ତିରାଜି। ଏକଦା ଭିଡ଼ଭାଡ଼ରେ ଗହଳି ଫାଟୁଥିବା ଶହ ଶହ ବର୍ଷର ପ୍ରାଚୀନ ଗଳି ଏବଂ ଐତିହ୍ୟ ସ୍ଥଳୀ ଗୁଡ଼ିକ କାଳର ଗର୍ଭରେ ଏକ ପ୍ରକାର ଲୀନ ହୋଇଯାଇଛି। ଅନେକ ହୁଏତ ଜାଣିନଥିବେ ମହାପ୍ରଭୁଙ୍କ ଦିବ୍ୟ ଲୀଳାସ୍ଥଳୀ ଜଗନ୍ନାଥ ବଲ୍ଲଭ ଭଳି ବଡ଼ ଠାକୁରଙ୍କ ନାମରେ ଥିଲା 'ବଳଭଦ୍ର ବଲ୍ଲଭ' ଏହା ଠିକ ଜଗନ୍ନାଥ ବଲ୍ଲଭର ଆଗ ପାର୍ଶ୍ୱରେ ଅବସ୍ଥିତ। ବର୍ତ୍ତମାନ ଯେ କେହି ଏବେର ପରିବର୍ତ୍ତିତ ବଳଭଦ୍ର ବଲ୍ଲଭ ଦେଖିବ କିନ୍ତୁ ଦିନ ଥିଲା ଏହି ବଳଭଦ୍ର ବଲ୍ଲଭ ଥିଲା ଏକ ବିଶାଳ ଜନବସତି। ବଳଭଦ୍ର ବଲ୍ଲଭର ପରିଚୟ କହିଲେ ଲୋକେ ବୁଝନ୍ତି କେବଳ ବଳଭଦ୍ର ଲେନ ଓ ମହାବୀର ମନ୍ଦିର କିନ୍ତୁ ଅନେକ ଐତିହ୍ୟର ସତ୍ତା ଏବେ ବି ଗବେଷକଙ୍କ ଗବେଷଣାକୁ ଅପେକ୍ଷା କରିଛି। ଲୋକମୁଖରେ କୁହାଯାଏ ଯେ, ବଳଭଦ୍ର ବଲ୍ଲଭର ଦେବସ୍ଥଳୀ ଅର୍ଥାତ୍ ପୋଖରୀଆସ୍ଥିତ ଠାକୁରେ ହେଉଛନ୍ତି 'ମହାବୀର ନୀଳ' କେହି କେହି ଭକ୍ତି ଭାବନାରେ ହେଉ ବା ଅପଭ୍ରଂଶ କ୍ରମେ ମହାବୀରଙ୍କୁ ନଳ ବୋଲି କହିଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ଅନେକ ପ୍ରାଚୀନତମ ପରମ୍ପରା ସହିତ ଏହି ପବିତ୍ରସ୍ଥଳୀର ଭାବପୂର୍ଣ୍ଣ ସମ୍ପର୍କ ରହିଛି। ବର୍ଷରେ ଥରେ ଏକ ସ୍ୱତନ୍ତ୍ର ନୀତିକାନ୍ତି କ୍ରମେ ମହାବିଷୁବ ସଂକ୍ରାନ୍ତିରେ ଶ୍ରୀମନ୍ଦିରର ପୂଜା ପଣ୍ଡା ଆଜ୍ଞାମାଳ ଧରି ଏହି କ୍ଷେତ୍ରକୁ ଆସିଥାନ୍ତି। କିଛି ରୂପରେଖ ବଦଳି ଥିଲେ ମଧ୍ୟ ବର୍ଷ ବର୍ଷର ଅନେକ ପରମ୍ପରା ଏସବୁ ଭିତରେ ରହିଛି। ଏହି ପ୍ରାଚୀନତମ ସ୍ଥଳୀର ମହାତ୍ମ୍ୟ ଅନେକ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗଲାଗି ମାଳକୁ ପୂଜାପଣ୍ଡା ମହୋଦୟ ଆଣିବା ପରେ ଘଣ୍ଟ ଘଟୁଆର ଓ ଏକ ବିଶାଳ ପଟୁଆରରେ ଏହି ଆଜ୍ଞାମାଳ ମହାବୀରଙ୍କୁ ଲାଗି ହୋଇଥାଏ। ଐତିହାସିକ ତଥ୍ୟ ଅନୁଯାୟୀ ତଥା ମାଦଳା ପାଞ୍ଜିରେ ମଧ୍ୟ ଉଲ୍ଲେଖ ରହିଛି ଯେ ମହାପ୍ରଭୁଙ୍କ ଦିବ୍ୟ ପୁରୁଷୋତ୍ତମ କ୍ଷେତ୍ରର ଅନ୍ୟତମ ପ୍ରାଚୀନ ସାହି ହେଉଛି କୁଣ୍ଡେଇବେଣ୍ଟ ସାହି। ଯାହାର ପୁରୁଣା ନାମଟି ଥିଲା 'ହରିବଂଶପୁର'। ପରବର୍ତ୍ତୀ ସମୟରେ ଏହି ଅଞ୍ଚଳ ଚାରୋଟି କ୍ଷେତ୍ର ଭାବେ ବିଭକ୍ତ ହୋଇ ଜଗନ୍ନାଥ ବଲ୍ଲଭ, ବଳଭଦ୍ର ବଲ୍ଲଭ, ଗୋପୀନାଥ ବଲ୍ଲଭ ଓ ସୁଦର୍ଶନ ବଲ୍ଲଭ ଭାବେ ପରିଚିତ ହେଲା। ଦିନ ଥିଲା ଉପରୋକ୍ତ ଏହି ଚାରୋଟି ଉପବନ ଏକ ଆଧ୍ୟାତ୍ମିକ ପ୍ରସିଦ୍ଧ କ୍ଷେତ୍ର ରୂପେ ଅନେକ ଭକ୍ତଙ୍କ ସମାଗମ ହେଉଥିଲା। ବଳଭଦ୍ର ବଲ୍ଲଭର ସୀମା ହେଉଛି ବଳଭଦ୍ର ଗଳି ନିକଟର ପୋଖରିଆ ନାମକ ଜନବସତି ଠାରୁ ଭାରତୀ ମଠର ମହାବୀର ପୋଖରୀ ପର୍ଯ୍ୟନ୍ତ। କର୍ପୂର ଉଡି କନା ପଡ଼ି ରହିଲା ପରି ଏବେ ବି ଏହି ଐତିହ୍ୟ ନୀରବ ସାକ୍ଷୀ ସ୍ୱରୂପ ପୂର୍ବ ସ୍ଥାନରେ ମହାବୀର ପୂଜିତ ହେଉଛନ୍ତି।

ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଏହି ଆଧ୍ୟାତ୍ମିକ ପ୍ରସିଦ୍ଧ ବଳଭଦ୍ର ବଲ୍ଲଭର ଆରାଧ୍ୟ ଠାକୁର ହେଉଛନ୍ତି 'ମହାବୀର ନୀଳ'। ଏହି ଜଗନ୍ନାଥ ବଲ୍ଲଭ କ୍ଷେତ୍ରରେ ବିଜେ ପୂଜିତ ହେଉଛନ୍ତି ସୁଗ୍ରୀବମହାବୀର, ଗୁମ୍ଫା ମହାବୀର ଓ ଗୁଆବାରି ମହାବୀର। ପୋଖରିଆରେ ବିଜେ ମହାବୀର ନୀଳଙ୍କ ବିଷୁବ ସଂକ୍ରାନ୍ତିରେ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ରହିଛି। ଆଧ୍ୟାତ୍ମିକ ଭାବଗତ ଦୃଷ୍ଟିକୋଣରୁ ଏଠାକୁ ମହାପ୍ରଭୁଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ଆଳତୀ କାହାଳୀ ବାଜେ, ପଂକ୍ତିଭୋଗ ଓ ଶିରିପା ଭିଡ଼ା ପରେ ଆଜ୍ଞାମାଳ ଲାଗି କରାଯାଏ। ପରବର୍ତ୍ତୀ କାର୍ଯ୍ୟକ୍ରମରେ 'ଦରିଆ ମହାବୀର'ଙ୍କ ନିକଟକୁ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହୁଏ। ପୀଠର ଆରାଧ୍ୟ ମହାବୀରଙ୍କ ମହିମା ଓ ଲୀଳା ତଥା କୃପାକୁ ନେଇ ଅନେକ ଲୋକ ଅନେକ ପ୍ରତ୍ୟକ୍ଷତାକୁ ବର୍ଣ୍ଣନା କରନ୍ତି। ଠାକୁରଙ୍କୁ ଡାକିଲେ ସେ ଶୁଣନ୍ତି ଆଉ ଘରୁ ବାହାରିବା ସମୟରେ ତାଙ୍କୁ ସ୍ମରଣ କରି ଯାତ୍ରା ଆରମ୍ଭ କଲେ ସବୁ ମାନସିକ, ସବୁ ସଂକଳ୍ପ ପୂରଣ ହେବାର ବିଶ୍ୱାସ ରହିଛି। ପୁରୀବାସୀଙ୍କର ସେ ଅନ୍ୟତମ ଇଷ୍ଟଦେବତା। ଯେ କୌଣସି ମାଙ୍ଗଳିକ ଘରୋଇ କାର୍ଯ୍ୟକ୍ରମ ହେଉ ବା ଆଧ୍ୟାତ୍ମିକ ମହାବୀରଙ୍କୁ ମାଜଣା କଲେ ସର୍ବମଙ୍ଗଳ ହୋଇଥାଏ। ପୂର୍ବେ ମନ୍ଦିରର ପଛ ପଟରେ ଏକ ତୁଳସୀ ବଗିଚା ଥିଲା। ପରବର୍ତ୍ତୀ ସମୟରେ ମନ୍ଦିର ସାମ୍ନାରେ ଏକ ବିଶାଳ ଫୁଲ ଉଦ୍ୟାନ ତିଆରି ହୋଇଛି। ତେବେ ବଳଭଦ୍ର ବଲ୍ଲଭର ପ୍ରାଚୀନତା, ଐତିହ୍ୟ ଓ 'ମହାବୀର ନୀଳ'ଙ୍କ ପାଖକୁ ମାନସିକ ସଂକଳ୍ପ ନିମିତ୍ତ ପ୍ରତିଦିନ ଓଡ଼ିଶା ଓ ଓଡ଼ିଶା ବାହାରୁ ଅନେକ ଭକ୍ତ ମାନଙ୍କର ଆଗମନ ହୋଇଥାଏ। ତେବେ ବିଷୁବ ସଂକ୍ରାନ୍ତିରେ ମହାବୀର ନୀଳଙ୍କ ଆଜ୍ଞାମାଳ ବିଜେ ଓ ଏହି ଦିନ ସ୍ୱତନ୍ତ୍ର ନୀତିକାନ୍ତି ଓ ସଂକଳ୍ପ ପୂଜା ରହୁଥିବାରୁ ଅନେକ ମାନସିକ ଧାରୀଙ୍କ ଆଗମନ ହୋଇଥାଏ। ଭଗବାନ ମହାବୀର ନୀଳ ସମସ୍ତଙ୍କୁ କୃପା ଆଶୀର୍ବାଦ କରନ୍ତୁ ଏହା ହିଁ ପ୍ରାର୍ଥନା। 'ବ୍ରହ୍ମ ପୁରାଣ' ମତାନୁସାରେ – 'ନମୋ ଦେବୌ ମହା ଦେବ୍ୟେ ବୈଷ୍ଣବୈଚ ନମୋନମଃ। ବ୍ରହ୍ମାଣ୍ୟୈ ବ୍ରହ୍ମରୂପାୟୈ ଶିବାୟୈସତତଂ ନମଃ।। ଚାହାଣୌ ରୁଦ୍ରରୂପାୟୈ କାଳରାତ୍ର୍ୟୈ ନମୋନମଃ, ବୈଷ୍ଣବ୍ୟୈ ବିଷ୍ଣୁରୂପାୟୈ ମହାଲକ୍ଷ୍ମ୍ୟୈ ନମୋନମଃ। ସ୍ତ୍ରୀ ରୂପିଣ୍ୟୈ ନମସ୍ତେସ୍ତୁ ସୁଭଦ୍ରେତାଂ ନମାମ୍ୟହଂ। ସାକ୍ଷାତ ବ୍ରହ୍ମସ୍ୱରୂପାଂ ତ୍ୱାଂ ଜଗଦମ୍ବେ ନମୋଽସ୍ତୁତେ, ଅର୍ଥାତ୍ ସେ ହେଲେ ବ୍ରହ୍ମ ସ୍ୱରୂପିଣୀ, ମହାଦେବୀ, ତ୍ରୟସିଦ୍ଧି, ସର୍ବସିଦ୍ଧି ପ୍ରଦାୟିନୀ, ସର୍ବଶୁଭପ୍ରଦାୟିନୀ, ଯୋଗମାୟା, ମହାମାୟା, ଯୋଗନିଦ୍ରା ବିମୋହିନୀ, ଚିନ୍ମୟୀ ଶକ୍ତି, ବ୍ରହ୍ମମୟୀ, ତତ୍ତ୍ୱମୟୀ, କ୍ରିୟାମୟୀ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,

ଋ-ଙ୍କବସକ୍ଷ : ଭସସପ୍ପଇକ୍କଙ୍କ୦୦୧ଅଶଙ୍କବସକ୍ଷ.ମକ୍ଟଙ୍କ









# ୫୮ ୟୁନିଟ ରକ୍ତ ସଂଗୃହୀତ

ଜଳେଶ୍ବର ,୧୨।୪:(ମନ୍ଥନ)ଓଡ଼ିଆ ପକ୍ଷ ପାଳନ ଅବସରରେ ଉତ୍ତର ବାଲେଶ୍ବର ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଦୀନକୃଷ୍ଣ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍.ଏସ.ଏସ), ଜୁନିୟର ରେଡକ୍ରସ,ରେଡ୍ ରିବନ କ୍ଲବ୍ ଓ ଏନ.ସି .ସି ମିଳିତ ଆନୁକୂଲ୍ୟରେ ଏକ ସ୍ବେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର୍ ସୁକାନ୍ତ କୁମାର ଦାସ ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏନ୍.ଏସ.ଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା କବିତା ଖୁଣ୍ଟିଆ ଏବଂ ଅଧ୍ୟାପକ ତପନ କୁମାର ଜେନା ଏନ.ସି.ସି ୟୁନିଟର ସି ଟି ଓ ରାଜେନ୍ଦ୍ର କୁମାର ମାଝି ଓ ରେଡକ୍ରସ କାଉନସେଲର ଡ.ମାନସ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିରର ପରିଚାଳନା ହୋଇଥିଲା । ଏହି ସ୍ବେଚ୍ଛାକୃତ ରକ୍ତଦାନ ଶିବିରରୁ ସର୍ବମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଜିଲ୍ଲା ରକ୍ତଦାତା ସଂଘ ଉପଦେଷ୍ଟା ସୁକୁମାର ରଣା ଓ ଆଜୀବନ ସଭ୍ୟ ଆରତୀ ଦାସ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଲିପକ କୁମାର କୁମାର ପ୍ରଧାନ ଓ ରତନ କୁମାର କର, ଅଧ୍ୟାପିକା ପୁଷ୍ପାଞ୍ଜଳି ପାଇକରାୟ,ରୋଜି ମଲ୍ଲିକ, ସ୍ୱାତିଶ୍ରୀ କାମିଲା ଓ ରଶ୍ମିରେଖା ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର,ୟୁଥ୍ ରେଡକ୍ରସର ସମସ୍ତ ସ୍ବେଚ୍ଛାସେବୀ ଏହି ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ୧୬୦ଲିଟର ଚୋରାମଦ ଜବତ,୬ଗିରଫ

କେନ୍ଦ୍ରାପଡ଼ା,୧୨।୪:(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଲିଥିବା ଅବୈଧ ଚୋରାମଦ ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ବିଶେଷ ଚଢ଼ାଉ ଜାରିରହିଥିବା ବେଳେ ଆଜି ବିଭିନ୍ନ ସ୍ଥାନରୁ ବ୍ୟାପକ ପରିମାଣର ଚୋରା ମଦ ଜବତ କରାଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାର୍ଶାଘାଇ, ରାଜନଗର, ଆଳି ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ମଧ୍ୟପଡ଼ା ଗ୍ରାମର ସରୋଜ ଜେନା(୩୦)ଙ୍କ



ଠାରୁ ୨୪ ଲିଟର ଚୋରା ବିଦେଶୀ ମଦ ସହ ଗୋଟିଏ ମୋଟରସାଇକେଲ, କାହାରପୁର ଗ୍ରାମର ରତ୍ନାକର ଜେନା(୩୧)ଙ୍କ ଠାରୁ ୧୩ ଲିଟର ଚୋରା ଦେଶୀ ମଦ, ହାବୁଲଗଣ୍ଡ ଗ୍ରାମର କେଦାରନାଥ ସେଠୀ(୩୮)ଙ୍କ ଠାରୁ ୨୬ ଲିଟର ଚୋରା ବିଦେଶୀ ମଦ, କାନପୁର ଗ୍ରାମର ସଞ୍ଜୟ କୁମାର ପରିଡ଼ା(୪୦)ଙ୍କ ଠାରୁ ୨୯ ଲିଟର ଚୋରା ବିଦେଶୀ ମଦ, ବିଜୟନଗର ଗ୍ରାମର ପ୍ରକାଶ ଚନ୍ଦ୍ର ସେଠୀ(୨୮)ଙ୍କ ଠାରୁ ୪୫ ଲିଟର ଚୋରା ବିଦେଶୀ ମଦ ଏବଂ ନଛିପଡ଼ା ଗ୍ରାମର ଚଗଲା ଦାସ(୩୫)ଙ୍କ ଠାରୁ ୨୩ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା । ସେମାନଙ୍କ ପାଖରୁ ମୋଟ ୧୬୦ ଲିଟର ବିଦେଶୀ ଓ ଦେଶୀ ଚୋରା ମଦ ସହ ଗୋଟିଏ ମୋଟରସାଇକେଲ ଜବତ କରାଯାଇ ଏହି ଘଟଣାରେ ସମ୍ପୃକ୍ତ ୬ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ଛାୟାକାନ୍ତ ନାୟକ, କଳ୍ପନା ରାଉତ, ଋତୁପ୍ରଭା ସ୍ୱାଇଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୨୧ରେ ସାମୂହିକ ଗଣବିବାହ

କେନ୍ଦ୍ରାପଡ଼ା,୧୨।୪:(ମନ୍ଥନ)ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧିନରେ ଆସନ୍ତା୨୧ ତାରିଖରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଖେଳ ପଡିଆରେ ସାମୂହିକ ଗଣ ବିବାହ ଆୟୋଜିତ ହେବ । ଏହି ଗଣ ବିବାହରେ ମୋଟ ୬୦ଟି ଦମ୍ପତି ଅଂଶଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳତାର ସହ ଆୟୋଜନ କରିବା ପାଇଁ ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିବାହ ମଣ୍ଡପ ବ୍ୟବସ୍ଥା, ପାଣିଯୋଗାଣ, ବିଦ୍ୟୁତ ସୁବିଧା, ସ୍ୱାସ୍ଥ୍ୟ ସେବା, ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିଏସପି (ଡିଆଇବି) ଲକ୍ଷ୍ମୀ ନାରାୟଣ ତିୱାରୀ, ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ତତ୍ସମ୍ବନ୍ଧିତ ଏଜେନ୍ସୀମାନେ ଉପସ୍ଥିତ ଥିଲେ ।

## ୧୬ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା କ୍ରିକେଟ ପ୍ରତିଯୋଗିତାର ନବରଙ୍ଗପୁର ଦଳର ଦମଦାର ପ୍ରଦର୍ଶନ ଜାରି

ନବରଙ୍ଗପୁର,୧୨।୪:(ମନ୍ଥନ)କଟକ ନିମାପୁର୍ କ୍ରିକେଟ ପଡିଆ ଠାରେ ଅନୁଷ୍ଠିତ ହୋଉଥିବା ୧୬ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା କ୍ରିକେଟ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲ୍ଲା ଦଳର ଦମଦାର ପ୍ରଦର୍ଶନ ଜାରି ରଖିଛି । ନିଜର ପ୍ରଥମ ମ୍ୟାଚରେ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଦଳ କୋରାପୁଟ ଜିଲ୍ଲା ଦଳକୁ ୧୨ ରନରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟରେ ନିଜର ପ୍ରଥମ ବିଜୟ ହାସଲ କରିଛି । ନବରଙ୍ଗପୁର ଦଳ ପ୍ରଥମେ ବେଟିଂ କରି ନିଜର ସମସ୍ତ ଓ୍ବିକେଟ ହରାଇ ୯୮ ରନ ସ୍କୋର କରିଥିଲା ।ଏହି ଲକ୍ଷ୍ୟକୁ ପିଛା କରି କୋରାପୁଟ ଦଳ ନିଜର ସମସ୍ତ ଓ୍ବିକେଟ ବଦଳରେ କେବଳ ୮୬ ରନ୍ ହିଁ କରିପାରିଥିଲେ ଏବଂ ୧୨ ରନ୍ ରେ ପରାସ୍ତ ହୋଇଥିଲେ । ନିଜର ଉଚ୍ଚ କୋଟିର ପ୍ରଦର୍ଶନ ପାଇଁ ନବରଙ୍ଗପୁର ଦଳର ସ୍ୱାଧୀନ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେ ବ୍ୟାଟିଂ ରେ ସେ ୨୦ ରନ ସ୍କୋର କରିବା ସହ ୧୦ ଓଭର ରେ ୨୫ ରନ ଦେଇ ତିନୋଟି ମୂଲ୍ୟବାନ ଓ୍ବିକେଟ୍ ଅକ୍ତିଆର କରିଥିଲେ । ସେହିପରି ନବରଙ୍ଗପୁର ଦଳର ନିଜର ଦ୍ୱିତୀୟ ମ୍ୟାଚରେ ମାଲକାନଗିରି ଜିଲ୍ଲା ଦଳକୁ ୬୮ ରନରେ ପରାସ୍ତ କରି ଦମଦାର ବିଜୟ ହାସଲ କରିଛି ।ନବରଙ୍ଗପୁର ଦଳ ପ୍ରଥମେ ବ୍ୟାଟିଂ କରି ନିଜର ସମସ୍ତ ଓ୍ବିକେଟ ହରାଇ ୧୭୮ ରନ କରିଥିଲା । ଏହି ଲକ୍ଷ୍ୟକୁ ପିଛା କରି କୋରାପୁଟ ଦଳ କେବଳ ୧୧୭ ରନ୍ ହିଁ ନିଜର ସମସ୍ତ ଓ୍ବିକେଟ ହରାଇ ଥିଲେ । ଲଗାତାର ଭାବେ ନିଜର ଦମଦାର ପ୍ରଦର୍ଶନ ପାଇଁ ସ୍ୱାଧୀନ ପଟ୍ଟନାୟକ ଦ୍ୱିତୀୟ ମ୍ୟାଚରେ ବି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ସେ ବ୍ୟକ୍ତିଗତ ୨୨ ରନ୍ କରିବା ସହ ୯ ଓଭରରେ ୧୭ ରନ ଦେଇ ତିନୋଟି ମୂଲ୍ୟବାନ ଓ୍ବିକେଟ୍ ଅକ୍ତିଆର କରିଥିଲେ।ୟ ଦଳର ଏହି ସଫଳତା ପାଇଁ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ଏମ. ବାଲାକ୍ରୀଷ୍ଣା ରାଓ, ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ , ଜିଲ୍ଲା କ୍ରୀଡା ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ ସମେତ ଉଭୟ କ୍ରିକେଟ୍ ସଂଘ ଏବଂ କ୍ରୀଡା ସଂଘର ସମସ୍ତ ସଦସ୍ୟ, ନବରଙ୍ଗପୁର ଜିଲ୍ଲା କ୍ରିକେଟ ସଂଘର କୋଚ ଜିତେନ୍ଦ୍ରଶେଖର (ରାଜା) ,ସଂଘର ବରିଷ୍ଠ ସଦସ୍ୟ ଦୁର୍ଯ୍ୟ ହରିଜନ, ଲାଲ ମୋହମ୍ମଦ ଖାନ, ବରିଷ୍ଠ ମହିଳା କ୍ରିକେଟ ଖେଳାଳି ଅଜିତା ଦାସ ସମେତ କ୍ରିକେଟ ସଂଘ ର ଅନ୍ୟ ପୁରୁଷ ଏବଂ ମହିଳା ସଦସ୍ୟ ଓ ଜିଲ୍ଲାର ପ୍ରାକ୍ତନ ବରିଷ୍ଠ କ୍ରୀଡାବିତମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ 'ପ୍ରୋଧନ' ପ୍ରଶିକ୍ଷଣ 'ପଞ୍ଚପଦୀ' ଶିକ୍ଷଣ ମାଧ୍ୟମରେ ହେ 'ପଞ୍ଚକୋଷ'ର ବିକାଶ

କୋଣାର୍କ,୧୨।୪:(ମନ୍ଥନ) ଗୋପ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଦଶାଟିଆ ହାଇସ୍କୁଲ ପରିସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ପ୍ରୋଧନ' ଅନୁଷ୍ଠିତ ହୋଇଯାଇଛି । ପାଞ୍ଚଦିନ ବ୍ୟାପି ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩ ଓ ଓଡ଼ିଶା ପାଠ୍ୟକ୍ରମ ଆଧାର-୨୦୨୫ର ଅନୁକରଣରେ ଶିଶୁଟିକାରୁ ଅଷ୍ଟମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ନିମନ୍ତେ ପ୍ରସ୍ତୁତ ନୂତନ ପାଠ୍ୟ ପୁସ୍ତକର ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା ହୋଇଥିଲା । ନୂତନ ପାଠ୍ୟ ପୁସ୍ତକଗୁଡିକରେ ସନ୍ନିହିତ ପ୍ରସଙ୍ଗଗୁଡିକରେ ଭାରତୀୟ ଜ୍ଞାନ ପରମ୍ପରା ଓ ଆଞ୍ଚଳିତାକୁ ଗୁରୁତ୍ୱ ପ୍ରଦାନ ପ୍ରଦାନ କରାଯାଇଛି । ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନେ ଦକ୍ଷତାଭିତ୍ତିକ ଶିକ୍ଷଣ ଓ ଆକଳନ('ପଞ୍ଚପଦୀ' ସୋପାନ) ମାଧ୍ୟମରେ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ(ପଞ୍ଚକୋଷ)କୁ ସୁନିଶ୍ଚିତ କରିବା ଏହି ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ ବୋଲି ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପ୍ରକାଶ କରିଛନ୍ତି । ଗୋପ ବ୍ଲକର ଦଶାଟିଆ ହାଇସ୍କୁଲ, ନାଗପୁର ନୋଡାଲ ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ ଓ ନୟାହାଟ ହାଇସ୍କୁଲ ପରିସରରେ ତିନୋଟି ପର୍ଯ୍ୟାୟରେ ୪୫୦ ଶିକ୍ଷକଶିକ୍ଷୟିତ୍ରୀଙ୍କୁ 'ପ୍ରୋଧନ' ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଅବଶିଷ୍ଟ ୧୬୦ଜଣ ଶିକ୍ଷକଙ୍କୁ ଖୁବଶୀଘ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ଅମିତା ସେନାପତି ସୂଚନା ଦେଇଛନ୍ତି । ଗୋପ ଏଇଓ ତଥା ଆରସିସି ଦେବେନ୍ଦ୍ରନାଥ କାଣ୍ଡି ଓ ଏଇଓ ସମ୍ରାଟ ଭଞ୍ଜ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ(ରିସୋର୍ସ ପର୍ସନ) ରୂପେ ଦଶାଟିଆ ହାଇସ୍କୁଲରେ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି, ସିଆରସିସି ସ୍ମୃତିରେଖା ବରାଳ, ସିଆରସିସି କିଶୋର ମାଝୀ ଓ ଶିକ୍ଷକ ରାଜେଶ ନାୟକ; ନାଗପୁର ନୋଡାଲ ହାଇସ୍କୁଲରେ ଦୁଃଶାସନ ଦଳାଇ, ଡଃ ପ୍ରଦୀପ କୁମାର ପାତ୍ର, ପ୍ରଦୀପ କୁମାର ମହାନ୍ତି ଓ ପ୍ରଭାତ କୁମାର ସାହୁ, ନିଗମାନନ୍ଦ ହାଇସ୍କୁଲରେ ଅକ୍ଷୟ କୁମାର ଦାସ, ଝୁଲି ନାୟକ, ଆଲୋକ ରଞ୍ଜନ ପ୍ରଧାନ ଓ ରୋଜାଲିନ ବାରିକ ଏବଂ ନୟାହାଟ ହାଇସ୍କୁଲ ପ୍ରଶିକ୍ଷଣ ଶିବିରରେ ବିନୋଦ କୁମାର ମିଶ୍ର, ତାପସ କୁମାର ନାୟକ, ଜିତେନ୍ଦ୍ର କୁମାର ମୁଦୁଲି ଓ ବିଦ୍ୟାଧର ମିଶ୍ର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ସମସ୍ତ ଦଳର ସାଂସଦମାନଙ୍କୁ ଚିଠି ଲେଖି ସମର୍ଥନ ଲୋଡ଼ିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭା ଏବଂ ରାଜ୍ୟସଭାର ସମସ୍ତ ଦଳର ନେତାମାନଙ୍କୁ ଚିଠି ଲେଖି 'ନାରୀ ଶକ୍ତି ବନ୍ଦନ ଆଇନ' ପାଇଁ ସମର୍ଥନ ଲୋଡ଼ିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ସମସ୍ତଙ୍କୁ ଏକ ସ୍ୱରରେ ଏହି ସଂଶୋଧନକୁ ପାସ୍ କରିବା ପାଇଁ ଏକତ୍ରିତ ହେବାକୁ ପଡିବ, ଏବଂ ଯଥାସମ୍ଭବ ସଂସଦରେ ସାଂସଦ ଏହି ବିଷୟ ଉପରେ ସେମାନଙ୍କର ମତାମତ ପ୍ରକାଶ କରିବା ଉଚିତ । ୧୬ ଏପ୍ରିଲରୁ ଦେଶର ସଂସଦରେ ନାରୀ ଶକ୍ତି ବନ୍ଦନ ଆଇନ ଉପରେ ଏକ ଐତିହାସିକ ଆଲୋଚନା ହେବ । ଏହି ସ୍ୱତନ୍ତ୍ର ବୈଠକ ଆମର ଗଣତନ୍ତ୍ରକୁ ଆହୁରି ମଜବୁତ କରିବାର ଏକ ସୁଯୋଗ । ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିବାର ଏହା ଏକ ସୁଯୋଗ । ୧୬ ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ଏକସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ସଂସଦର ଉଭୟ ଗୃହର ରାଜନୈତିକ ଦଳର ନେତାମାନଙ୍କୁ ଏପ୍ରିଲ ୧୧ ତାରିଖରେ ଏକ ଚିଠିରେ, ମୋଦୀ ସଦସ୍ୟମାନଙ୍କୁ ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ପାଇଁ ଔପଚାରିକ ଭାବରେ ସମସ୍ତଙ୍କୁ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ର ସରକାର ଆଇନରେ ସଂଶୋଧନ



ବିଚାର କରିବା ପାଇଁ ସଂସଦର ଏକ ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଇଛନ୍ତି, ଯାହା ବର୍ତ୍ତମାନ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ କାର୍ଯ୍ୟକାରୀତାକୁ ୨୦୨୭ ଜନଗଣନା ଆଧାରରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତ କରିବା ସହିତ ସଂଯୋଗ କରୁଛି । ବିଦ୍ୟମାନ ବ୍ୟବସ୍ଥା ଅନୁଯାୟୀ, ସୀମା ନିର୍ଦ୍ଧାରଣ ପରେ ସଂରକ୍ଷଣର କାର୍ଯ୍ୟାନ୍ୱୟନ ୨୦୩୪ ପର୍ଯ୍ୟନ୍ତ ବିଳମ୍ବିତ ହୋଇପାରେ । ପ୍ରସ୍ତାବିତ ସଂଶୋଧନଗୁଡ଼ିକ ସମୟସୀମାକୁ ଆଗକୁ ବଢ଼ାଇବା ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହା ଦ୍ୱାରା ୨୦୨୯ ଲୋକସଭା ନିର୍ବାଚନ ପାଇଁ କୋଟା କାର୍ଯ୍ୟକାରୀ ହୋଇପାରିବ । ମହିଳା ସଂରକ୍ଷଣ ଆଇନ ଲୋକସଭା ଆସନ ସଂଖ୍ୟା ୮୧୬କୁ ବୃଦ୍ଧି କରିବା ସୁନିଶ୍ଚିତ କରିବ, ଯେଉଁଥିରୁ ୨୭୩ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଦେଶର ମହିଳା ଶକ୍ତି ପାଇଁ ଏକ ସଫଳତା, ୧୪୦ କୋଟି ଦେଶବାସୀଙ୍କ ପାଇଁ ଏକ ସଫଳତା । ମୋର ପୂର୍ଣ୍ଣ ବିଶ୍ୱାସ ଯେ ଆମେ ଏକ ହୋଇ ଆଗକୁ ବଢ଼ିବୁ ଏବଂ ସଂସଦରେ ଏହି ଐତିହାସିକ ସଫଳତା ହାସଲ କରିବୁ୍ୟ ନାରୀ ଶକ୍ତି ବନ୍ଦନା ଆଇନରେ ସଂଶୋଧନ ପାଇଁ ଆପଣଙ୍କର ସମର୍ଥନ ଆମ ଦେଶର ମା, ଭଉଣୀ ଏବଂ ଝିଅମାନଙ୍କ ପ୍ରତି ଆମର ଦାୟିତ୍ୱକୁ ପୂରଣ କରିବ । ଶେଷରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି,ଆସନ୍ତୁ ଆମେ ଆମର ଗଣତନ୍ତ୍ରର ମହାନ ପରମ୍ପରାକୁ ଆହୁରି ପୁନର୍ଜୀବିତ କରି ଏହି ଐତିହାସିକ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବା ।

## ଲବାନନ୍ ଉପରେ ଇସ୍ରାଏଲର ବଡ଼ ଆକ୍ରମଣ ରକେଟ୍ ଲଞ୍ଚର୍ ନଷ୍ଟ, ୫ ଜଣ ନିହତ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧଖୋର ପରିସ୍ଥିତି ମଧ୍ୟରେ ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଏକ ବ୍ୟାପକ ସାମରିକ ଅଭିଯାନ ଜରିଆରେ ଶତ୍ରୁପକ୍ଷର ବଡ଼ ଧରଣର ବିଧ୍ୱଂସକାରୀ ଯୋଜନାକୁ ଧୂଳିସାତ କରିଦେଇଛି । ଦକ୍ଷିଣ ଲେବାନନ୍ଠୁ ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ଶକ୍ତିଶାଳୀ ଆକ୍ରମଣରେ ଇସ୍ରାଏଲ୍ କେବଳ ରକେଟ୍ ଲଞ୍ଚରକୁ ନଷ୍ଟ କରିନାହିଁ, ବରଂ ଏକ ବିଶାଳ ବୋମା କାରଖାନାର ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି । ଦକ୍ଷିଣ ଲେବାନନର କ୍ୱେୟା ଅଞ୍ଚଳରେ ଇସ୍ରାଏଲ୍ ବାୟୁସେନା ଏକ ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆକ୍ରମଣ ପାଇଁ ସଜ୍ଜିତ ରକେଟ୍ ଲଞ୍ଚରକୁ ଧ୍ୱଂସ କରିବା ସହ ପାଞ୍ଚ ଜଣ ଆତଙ୍କବାଦୀଙ୍କୁ ନିପାତ କରିଛି । ଅନ୍ୟପଟେ ପଶ୍ଚିମ ଉପକୂଳର ତୁଲକାରେମରେ କରାଯାଇଥିବା ଚଢ଼ାଉ ବାହିନୀକୁ ସ୍ତବ୍ଧ କରିଦେଇଛି, ଯେଉଁଠାରୁ ୨୦୦ରୁ ଅଧିକ ବୋମା ଓ ୫୦ କିଲୋଗ୍ରାମରୁ ଅଧିକ ବିସ୍ଫୋରକ ଜବତ କରାଯାଇଛି । ସାଧାରଣ ନାଗରିକ ଓ ସୈନ୍ୟଙ୍କୁ ଟାର୍ଗେଟ୍ କରିବା ପାଇଁ ରଚାଯାଇଥିବା ଏହି ଭୟଙ୍କର ରକ୍ତପାତର ଷଡ଼ଯନ୍ତ୍ରକୁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ଭାବେ ପଣ୍ଡ କରିଦେଇଛି ।

## ଭାରତ-ନେପାଳ ସମ୍ପର୍କରେ ନୂଆ ଅଧ୍ୟାୟ ନିମନ୍ତ୍ରଣ ରକ୍ଷା କରି ଭାରତ ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ବାଲେନ ଶାହ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି):ପଡ଼ୋଶୀ ପ୍ରଥମ ନୀତିକୁ ଆହୁରି ସୁଦୃଢ଼ କରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ (ବାଲେନ)ଙ୍କୁ ଭାରତ ଗସ୍ତ ପାଇଁ ଆମନ୍ତ୍ରଣ କରିଛନ୍ତି । ମରିସସଠାରେ ଆୟୋଜିତ ଭାରତ ମହାସାଗର ସମ୍ମିଳନୀ ଅବସରରେ ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଶାହ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ହିଁ ଭାରତ ପକ୍ଷରୁ ଏହି ବନ୍ଧୁତ୍ୱପୂର୍ଣ୍ଣ ଆମନ୍ତ୍ରଣ ପଠାଯାଇଥିଲା, ଯାହାକୁ ସେ ସହର୍ଷ ଗ୍ରହଣ କରିଛନ୍ତି । ଏହି ସମ୍ଭାବ୍ୟ ଗସ୍ତ କେବଳ ଏକ ଔପଚାରିକ ସାକ୍ଷାତକାରରେ ସୀମିତ ନରହି ଏକ ଠୋସ୍ ଫଳାଫଳ ପ୍ରଦାନକାରୀ ମାଇଲଖୁଣ୍ଟ ହେବ ବୋଲି ଉଭୟ ଦେଶ ଆଶା ପ୍ରକଟ କରିଛନ୍ତି । ନେପାଳ ବୈଦେଶିକ ମନ୍ତ୍ରୀ ଖାନାଲ ଓ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଅନୁଯାୟୀ, ଦୁଇ ଦେଶ ଏବେ ଏକ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଦିଗରେ ଧ୍ୟାନ ଦେଉଛନ୍ତି । ବିଶେଷକରି ଜଳସମ୍ପଦ, ସୁରକ୍ଷା, ବାଣିଜ୍ୟ, କୃଷି ଓ ସୀମା ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକୁ ପୁନର୍ଜୀବିତ କରିବା



ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ରହିବ । ପ୍ରତୀକାତ୍ମକ ଗସ୍ତ ପରିବର୍ତ୍ତେ ଏକ ଦୃଢ଼ ରାଜନୈତିକ ଓ ବୈଷୟିକ ପ୍ରସ୍ତୁତି ପରେ ପ୍ରଧାନମନ୍ତ୍ରୀ ବାଲେନ ଶାହ ଭାରତ ଗସ୍ତରେ ଆସିବେ । ଏହା ପୂର୍ବରୁ ଭାରତର ବୈଦେଶିକ ସଚିବ ନେପାଳ ଗସ୍ତ କରି ଏଜେଣ୍ଡା ସ୍ଥିର କରିବା ନେଇ ମଧ୍ୟ ପରାମର୍ଶ ଦିଆଯାଇଛି । ଏହି ବିକାଶକ୍ରମ ଭାରତ ଓ ନେପାଳ ମଧ୍ୟରେ ଥିବା ସଦିଚ୍ଛା ଓ ସହଯୋଗର ପ୍ରାଚୀନ ସମ୍ପର୍କକୁ ଏକ ନୂତନ ଉଚ୍ଚତାକୁ ନେଇଯିବ ବୋଲି ବିଶ୍ୱାସ କରାଯାଉଛି ।

## ଯାହା ଯୁଦ୍ଧରେ ଜିତିନି ଆମେରିକା,ଆଲୋଚନା ମାଧ୍ୟମରେ ତାହା ମାଗୁଛି:ଇରାନ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି):ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନା ବିଫଳ ହୋଇଛି । ଆଲୋଚନା ନିର୍ଣ୍ଣାୟକ ନହେବା ପାଇଁ ଆମେରିକାକୁ ଇରାନ ଦାୟୀ କରିଛି । ଇରାନର ସରକାରୀ ଖବର ପ୍ରେସ ଟିଭି କହିଛି ଯେ, ଆମେରିକା ଅନେକ ଦାବି ଏବଂ ସର୍ତ୍ତ ରଖିଥିବାରୁ ଆଲୋଚନା ଆଗକୁ ବଢ଼ିପାରିଲା ନାହିଁ । ଅପରପକ୍ଷରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି, ଆମେ ଇରାନ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା



କରିଛୁ । ଏହା ଏକ ଭଲ ଖବର । ଖରାପ ଖବର ହେଉଛି ଯେ, ଆମେ କୌଣସି ଚୁକ୍ତିରେ ପହଞ୍ଚି ନାହୁଁ । ମୁଁ ଭାବୁଛି ଏହା ଆମେରିକା ଅପେକ୍ଷା ଇରାନ ପାଇଁ ଅଧିକ ଖରାପ ଖବର । ଇରାନ କହିଛି,ଆମେରିକା ବିଭିନ୍ନ ଦାବି କରିଥିଲା । ଫଳରେ କୌଣସି ନିଷ୍ପତ୍ତି ହୋଇପାରିଲା ନାହିଁ୍ୟ ହର୍ମୁଜ୍ ପ୍ରଣାଳୀ, ପରମାଣୁ ଅଧିକାର ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ଆଲୋଚନା ବିଫଳତାର କାରଣ । ଉଲ୍ଲେଖନୀୟ ଯେ, ଇରାନ ୧୦-ସୂତ୍ରୀ ସର୍ତ୍ତାବଳୀ ରଖିଥିଲା, ଯେଉଁଥିରେ ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ନିୟନ୍ତ୍ରଣକୁ ସ୍ବୀକୃତି ଏବଂ ଏହା ଦେଇ ଯାଉଥିବା ଜାହାଜଗୁଡ଼ିକରୁ ପରିବହନ ଶୁଳ୍କ ଆଦାୟ କରିବାର ଅଧିକାର, ଏବଂ ଶାନ୍ତିପୂର୍ଣ୍ଣ ପରମାଣୁ ଶକ୍ତି ପାଇଁ ୟୁରାନିୟମ ସମୃଦ୍ଧ କରିବାର ଅଧିକାର ଅନ୍ତର୍ଭୁକ୍ତ ଥିଲା । ଫାର୍ସ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଇରାନୀ ପ୍ରତିନିଧିମଣ୍ଡଳୀ କହିଛନ୍ତି,ଆମେରିକା ଯାହା ଯୁଦ୍ଧରେ ଜିତି ପାରିନି ,ଆଲୋଚନା ମାଧ୍ୟମରେ ତାହା ସବୁ ମାଗୁଛି । ହର୍ମୁଜ୍ ପ୍ରଣାଳୀ, ଶାନ୍ତିପୂର୍ଣ୍ଣ ପରମାଣୁ ଶକ୍ତି ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆମେରିକାର ପ୍ରମୁଖ ସର୍ତ୍ତଗୁଡ଼ିକୁ ଇରାନ ଗ୍ରହଣ କରିନାହିଁ ।

## ମୁଁ ନିଜକୁ ରକ୍ଷା କରିପାରିଲି ନାହିଁ,ସବୁକିଛି ହରାଇ ଦେଇଛି: ବସୁନ୍ଧରା

ନୂଆଦିଲ୍ଲୀ,୧୨।୪(ଏଜେନ୍ସି):ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଏକ ସାଧାରଣ ସଭାରେ ସବୁକିଛି ହରାଇଥିବା ଏବଂ ନିଜକୁ ରକ୍ଷା କରିବାକୁ ଅସମର୍ଥ ହୋଇଥିବା ବିଷୟରେ ମନ୍ତବ୍ୟ ଦେଇଥିଲେ । ରାଜେଙ୍କ ଏହି ସଦ୍ୟତମ ମନ୍ତବ୍ୟ ରାଜ୍ୟର ରାଜନୈତିକ ମହଲରେ ଏକ ନୂତନ ବିତର୍କ ସୃଷ୍ଟି କରିଛି । ବିରୋଧୀ ଦଳ ବସୁନ୍ଧରା ରାଜେଙ୍କ ବକ୍ତବ୍ୟକୁ ମୁଖ୍ୟମନ୍ତ୍ରୀ ପଦ ନମିଳିବା ସହ ଯୋଡୁଥିବାବେଳେ,ଅନ୍ୟପକ୍ଷରେ ବିଜେପି ରାଜ୍ୟ ସଭାପତି ମଦନ ରାଠୋରଙ୍କ ଏକ ମାରୱାଡି ଦୋହା ବିବାଦରେ 'ମୋଦୀ'ଙ୍କ ନାମ ଯୋଡ଼ି ବିତର୍କକୁ ଆହୁରି ଉଷ୍ମ କରିଛି । ତେବେ ସୋସିଆଲ ମିଡିଆରେ ବିବାଦ ବୃଦ୍ଧି ପାଉଥିବାରୁ, ବସୁନ୍ଧରା ରାଜେ ଏକ ସ୍ପଷ୍ଟୀକରଣ ଜାରି କରି ଏହାକୁ ତାଙ୍କ ବିରୋଧୀଙ୍କ ଷଡ଼ଯନ୍ତ୍ର ବୋଲି କହିଛନ୍ତି ।



ସେ କହିଛନ୍ତି, ମୋ ପାଇଁ, ଲୋକଙ୍କ ପ୍ରେମଠାରୁ କୌଣସି ପଦବୀ ବଡ଼ ନୁହେଁ । ସେ ଏକ ଉଦାହରଣ ଦେଇ କହିଛନ୍ତି, ଯେ ଯେତେବେଳେ ଧୋଲପୁରରେ ତାଙ୍କ ଘର ସାମ୍ନାରେ ଏକ ଜାତୀୟ ରାଜପଥ ଯାଉଥିଲା, ତାଙ୍କୁ ମଧ୍ୟ ତାଙ୍କର କାନ୍ଥ ପଛକୁ ଘୁଞ୍ଚାଇବାକୁ ପଡିଥିଲା । ନିୟମ ଯୋଗୁଁ, ସେ ନିଜ ଘରକୁ ମଧ୍ୟ ବଞ୍ଚାଇ ପାରିଲେ ନାହିଁ, ତେବେ ସେ ଅନ୍ୟ କାହାର ଘରକୁ କିପରି ରକ୍ଷା କରିବେ ?ଗୁରୁବାର ଦିନ, ବସୁନ୍ଧରା ରାଜେ ତାଙ୍କ ପୁଅ ଦୁଷ୍ୟନ୍ତ ସିଂହଙ୍କ ସହିତ ମନୋହର ଥାନାରେ ଏକ ଜନସମ୍ପର୍କ ଯାତ୍ରାରେ ଅଂଶଗ୍ରହଣ କରୁଥିଲେ । ମଞ୍ଚରୁ ସମାବେଶକୁ ସମ୍ବୋଧିତ କରି ସେ ତାଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କ ସହିତ ତାଙ୍କର ସମ୍ପର୍କ ବିଷୟରେ କହିଥିଲେ, ଦୟାକରି ମୋ ପ୍ରତି ଆପଣଙ୍କର ପ୍ରେମ ଏବଂ ବିଶ୍ୱାସ ବଜାୟ ରଖନ୍ତୁ । ଏହି ଛୋଟ ଛୋଟ ସମସ୍ୟାଗୁଡ଼ିକ ସବୁବେଳେ ଘଟିବ । କିଛି ଲୋକ ସେମାନଙ୍କର ଘର ତିଆରି କରି ନାହାନ୍ତି , କିଛି ସେମାନଙ୍କର ପେନସନ ପାଇ ନାହାନ୍ତି ଏବଂ କିଛି କ୍ଷତିପୂରଣ ପାଇ ନାହାନ୍ତ । ଅନ୍ୟ କାହାକୁ ମିଳିଲା, ମୁଁ ପାଇଲି ନାହିଁ । ଏହା ହେଉଛି । ଏଠି ଏଭଳି ଚାଲିଥାଏ । କିନ୍ତୁ ଆମେ ସମସ୍ତେ ମିଶି ଏହି ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଚେଷ୍ଟା କରିବାୟମଞ୍ଚରୁ ସମ୍ବୋଧିତ କରି ବସୁନ୍ଧରା ରାଜେ ଆହୁରି କହିଥିଲେ, ମୁଁ କହିସାରିଛି, ଏହା ମୋ ସହିତ ମଧ୍ୟ ଘଟିଛି, ମୁଁ ନିଜ ପାଇଁ କିଛି କରିପାରିଲି ନାହିଁ । ମୁଁ ସବୁକିଛି ହରାଇଲି । ମୁଁ ନିଜକୁ ବଞ୍ଚାଇ ମଧ୍ୟ ପାରିଲି ନାହିଁ । ତାଙ୍କର ଏହି ବକ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଅନେକ ଲୋକ ଦାବି କରିଥିଲେ ଯେ, ଏହି ମନ୍ତବ୍ୟ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦବୀ ନ ମିଳିବାର ତାଙ୍କର ଯନ୍ତ୍ରଣାକୁ ପ୍ରତିଫଳିତ କରୁଛି ।

## ଇରାନକୁ ଅସ୍ତ୍ରଶସ୍ତ୍ର ଦେଲେ ପରିଣାମ ହେବ ଭୟଙ୍କର: ଚୀନକୁ ଧମକ ଦେଲେ ଟ୍ରମ୍ପ

ନୂଆଦିଲ୍ଲୀ,୧୨।୪(ଏଜେନ୍ସି):ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଅସ୍ତ୍ରଶସ୍ତ୍ର ପଠାଇବା ନେଇ ଚୀନକୁ କଡ଼ା ଚେତାବନୀ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି, ଯଦି ବେଜିଂ ଇରାନକୁ ସାମରିକ ଉପକରଣ ପଠାଏ, ତେବେ ବଡ଼ ସମସ୍ୟାର ସମ୍ମୁଖୀନ ହେବ । ରଏଟର୍ସ ରିପୋର୍ଟ ଅନୁସାରେ, ହ୍ୱାଇଟ୍ ହାଉସରୁ ମିଆମି ଯିବା ପୂର୍ବରୁ ସାମ୍ବାଦିକଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଛନ୍ତି, ଯଦି ଚୀନ୍



ଏପରି କରେ, ତେବେ ପରିଣାମ ଭୟଙ୍କର ହେବ । ତେବେ, ସେ ଏ ବିଷୟରେ ଅଧିକ ସୂଚନା ଦେଇ ନାହାନ୍ତି । ଆମେରିକୀୟ ଗଣମାଧ୍ୟମ ରିପୋର୍ଟ କରିଛି, ଆଗାମୀ ସପ୍ତାହ ମଧ୍ୟରେ ଇରାନ ଚୀନରୁ ନୂତନ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇପାରେ । ଏଥିରେ ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକର ଗୁପ୍ତ ସୂଚନା ସମ୍ପର୍କରେ ଉଲ୍ଲେଖ କରାଯାଇଛି । ରିପୋର୍ଟ ଅନୁଯାୟୀ, ଏପରି ସୂଚନା ରହିଛି, ବେଜିଂ ଅସ୍ତ୍ରଶସ୍ତ୍ର ପଠାଇବା ଏବଂ ସେସବୁର ଉତ୍ପତ୍ତି ଲୁଚାଇବା ପାଇଁ ତୃତୀୟ ଦେଶଗୁଡ଼ିକୁ ବ୍ୟବହାର କରୁଛି । ଇରାନକୁ ଅସ୍ତ୍ର ପଠାଇବା ଅଭିଯୋଗକୁ ଚୀନ୍ ଅସ୍ୱୀକାର କରିଛି । ୱାସିଂଟନରେ ଥିବା ଚୀନ୍ ଦୂତାବାସ ଏକ ବିବୃତ୍ତିରେ କହିଛି, ବେଜିଂ କେବେବି ଏହି ସଂଘର୍ଷରେ ସାମିଲ ଥିବା କୌଣସି ପକ୍ଷକୁ ଅସ୍ତ୍ର ଯୋଗାଇ ନାହିଁ । ଆମେରିକା ଭିତ୍ତିହୀନ ଅଭିଯୋଗ ଏବଂ ଚାଞ୍ଚଲ୍ୟକର ମନ୍ତବ୍ୟ ଦେବାରୁ ନିବୃତ୍ତ ରହିବା ଉଚିତ । ରିପୋର୍ଟ ଅନୁସାରେ ଚୀନରୁ ଆସୁଥିବା ଅସ୍ତ୍ରଶସ୍ତ୍ର ପ୍ୟାକେଜରେ କାନ୍ଧରେ ଚଲାଇବା ପାଇଁ ବହନ କରାଯାଉଥିବା ବାୟୁ ପ୍ରତିରୋଧୀ କ୍ଷେପଣାସ୍ତ୍ର ପ୍ରଣାଳୀ ଅନ୍ତର୍ଭୁକ୍ତ ହୋଇପାରେ । ଇରାନ ଏଗୁଡ଼ିକୁ କମ୍ ଉଚ୍ଚତାରେ ଉଡୁଥିବା ଆମେରିକୀୟ ବିମାନକୁ ଟାର୍ଗେଟ କରିବା ପାଇଁ ବ୍ୟବହାର କରିପାରେ । ଚଳିତ ମାସର ଆରମ୍ଭରେ ଘଟିଥିବା ଘଟଣାରେ ଇରାନ ପକ୍ଷରୁ ସେଭଳି ସାମରିକ ଉପକରଣ ବ୍ୟବହାର କରାଯାଇଥାଇପାରେ ବୋଲି ଆମେରିକୀୟ ଅଧିକାରୀମାନେ ଅନୁମାନ କରୁଛନ୍ତି ।



# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଡେଲାଙ୍ଗ,୧୨।୪ (ନି.ପ୍ର) :** ଡେଲାଙ୍ଗ ଥାନା ଜୁଇଲୁଣ୍ଡା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଡେଲାଙ୍ଗ ପୋଲିସ ଉଦ୍ଧାର କରିଛି । ସେ ହେଲେ ରଜନୀକାନ୍ତ ଜେନା (୨୭) ମୁନ୍ଦିା-ଜୁଇଲୁଣ୍ଡା ରାସ୍ତା କଡ ଜଙ୍ଗଲିଆ ସ୍ଥାନରେ ଥିବା ଏକ କଇଁଆ ଗଛରେ ଯୁବକ ଜଣକଙ୍କ ମୃତଦେହ ଝୁଲୁଥିବା ଲୋକେ ଦେଖିଥିଲେ ।



ଏନେଇ ପୋଲିସକୁ ଖବର ଦେବାରେ ଘଟଣା ସ୍ଥଳରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ, ଡେଲାଙ୍ଗ ହାଟ ଫାଣ୍ଡିଅଧିକାରୀ ନାରାୟଣ ବେହେରା ପ୍ରମୁଖ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲେ । ତେବେ ଗଛ ଡାଳରେ ଗାମୁଛା ଦ୍ୱାରା ଝୁଲିଥିବା ବେଳେ ଗଛମୂଳରେ ଚପଲ ରହିଛି । ସକାଳୁ ଏହି ଖବର ପାଇବା ପରେ ତାଙ୍କ ପୁଅକୁ କେହି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ । ଅଧିକ ତଦନ୍ତ ପାଇଁ ପୁରୀରୁ ସନ୍ଧାନୀ କୁକୁର ଓ ସାଇନଟିଫିକ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଏନେଇ ଡେଲାଙ୍ଗ ଥାନାରେ ଏକ ମାମଲା ରୁଜୁ କରିବା ସହିତ ଶବ ବ୍ୟେବଚ୍ଛେଦ ପାଇଁ ପୁରୀ ପଠାଇ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ଦେଇଛି ।

# ପାରାଦୀପ ନଗରମଣ୍ଡଳ ବିଜେପି ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ

**ପାରାଦୀପ, ୧୨।୪ (ନି.ପ୍ର):** ଭାରତୀୟ ଜନତା ପାର୍ଟି ର ୪୭ତମ ପ୍ରତିଷ୍ଠା ଦିବସ,ଏପ୍ରିଲ ୬, ୧୯୮୦ରେ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠିତ ହୋଇଥିଲା । ଦଳ ଏହି ଜନ୍ମ ବାର୍ଷିକୀକୁ ସର୍ବଭାରତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳନ କରାଯାଉଥିବା ବେଳେ ପାରାଦୀପ ରେ ବିଜେପି ନଗର ମଣ୍ଡଳ ତରଫରୁ ମହାଆଡ଼ମ୍ବର ସହକାରେ ଦଳର ୪୭ ତମ ପ୍ରତିଷ୍ଠା ଦିବସ ପାଳନ ହୋଇ ଯାଇଛି । ଆଜି ଭାରତୀୟ ଜନତା ପାର୍ଟି ଏକ ପ୍ରମୁଖ ରାଜନୈତିକ ଶକ୍ତି ଭାବରେ ଅବତୀର୍ଣ୍ଣ ହୋଇଛି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଲକ୍ଷ୍ୟ ଉପରେ କେନ୍ଦ୍ରିତ କରି କେନ୍ଦ୍ର ରେ ନରେନ୍ଦ୍ର ମୋଦି ଓ ଓଡ଼ିଶାରେ ମୋହନ ସରକାର କାର୍ଯ୍ୟ କରୁଛନ୍ତି। ପୂର୍ବ ଭାରତୀୟ ଜନସଂଘରୁ ବୃଦ୍ଧି ପାଇଥିବା ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡଭାନୀଙ୍କ ଭଳି ନେତାଙ୍କ ଦ୍ୱାରା ୧୯୮୦ ମସିହାରେ ବିଜେପି ଦଳ ଗଠନ କରାଯାଇଥିଲା । ଦଳର ପ୍ରମୁଖ ବାର୍ତ୍ତା 'ରାଷ୍ଟ୍ର ପ୍ରଥମ' ପ୍ରତିବଦ୍ଧତାକୁ ନେଇ ଦଳୀୟ ବିଚାରଧାରା ଆଜି ଭାରତ ବର୍ଷରେ ବିଜେପି ପ୍ରମୁଖ ରାଜନୈତିକ ଦଳ ଭାବରେ ପରିଚୟ ପାଇଛି । ଆଜିର ପ୍ରତିଷ୍ଠା ଦିବସ ଅବସରରେ ପାରାଦୀପ ନଗର ମଣ୍ଡଳ ବିଜେପି ତରଫରୁ ଦଳର ମହାନ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ନୂଆବଜାର ଠାରେ ରହିଥିବା ଦଳୀୟ କାର୍ଯ୍ୟାଳୟ ରେ ବିଜେପି ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଙ୍କ ଦ୍ୱାରା ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏହା ସହିତ ପାରାଦୀପ ପୌରାଞ୍ଚଳ ର ବିଭିନ୍ନ ୱାର୍ଡରେ ରେ ରହିଥିବା ଦଳୀୟ



କାର୍ଯ୍ୟାଳୟ ରେ ୱାର୍ଡ ପ୍ରମୁଖ ଓ ନଗର ମଣ୍ଡଳ କାର୍ଯ୍ୟକର୍ତ୍ତା ଓ ସଭାପତି ଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯିବା ସହିତ ଦଳୀୟ ବିଚାରଧାରା ଉପରେ ଆଲୋକପାତ କରାଯାଥିଲା। ଏହା ସହିତ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ବିଶେଷ କାର୍ଯ୍ୟକ୍ରମ ସହିତ 'ସ୍ଥାପନା ଦିବସ' ଉପରେ ଆଲୋକପାତ କରିଥିଲେ ଦଳୀୟ ନେତୃବୃନ୍ଦ। ଆଜି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଯେଉଁଭଳି ଦେଶ ଓ ରାଜ୍ୟର ବିକାଶ ରେ କାର୍ଯ୍ୟକରି ଏକ ବିକଶିତ ଭାରତ ଓ ବିକଶିତ ଓଡିଶା ଲକ୍ଷରେ ଆଗେଇ ଚାଲିଛି ତାହାକୁ ଅନୁସରଣ କରି ଆଗାମୀ ଦିନରେ ଆମ ଅଞ୍ଚଳ ପାରାଦୀପ ର ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଦଳର ପ୍ରତିଷ୍ଠା ଦିବସରେ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ପାରାଦୀପ ନଗର ମଣ୍ଡଳ ବିଜେପି ତରଫରୁ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ପାରାଦୀପ ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଙ୍କ ସହିତ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ଙ୍କ ପ୍ରତିନିଧୀ ସର୍ବେଶ୍ୱର ବଳିୟାରସିଂ, ଉପସଭାପତି ଅର୍ଜିଳ ସ୍ୱିା, ଦିଲ୍ଲୀପ କିଶୋର ବେହେରା,ଅରୁଣ ପ୍ରଧାନ, ପ୍ରକାଶ ସାହୁ,କ୍ରିଷ୍ଣା ଜେନା,ସର୍ବେଶ୍ୱର ଜେନା, ବଜରଙ୍ଗ ପ୍ରସାଦ ସ୍ୱାଇଁ, ମନୋରଞ୍ଜନ ସାହୁ, ରଂଜନ କୁମାର ବେହେରା, ସୁଶାନ୍ତ ପଣ୍ଡା, ତପନ ନାୟକ, ସରୋଜ ରାଉତ, ଅଭିମନ୍ୟୁ ବଳିୟାରସିଂ, ଉଲ୍ଲାସ ବେହେରା, ବଳରାମ ଦାସ, ବିଷ୍ଣୁପ୍ରିୟା ସତ୍ୟପାଠ, ଗୋଲାପ ଓଝା , ଗୀତା ଗିରି, ସରସ୍ୱତୀ, ବଳରାମ ପଣ୍ଡା, ମାନ୍ଦାକିନି ମୁଦୁଲିଙ୍କ ସହିତ ଦଳର କର୍ମୀମାନେ ଉପସ୍ଥିତ ରହି ଦଳୀୟ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମ କୁ ସଫଳ ରୁପେ ସମ୍ପାଦନ କରିଥିଲେ ।

# ପାରାଦୀପ ବିଜେପି ଯୁବମୋର୍ଚ୍ଚା ସଂଯୋଜକ ଭାବେ ଜିତେନ୍ଦ୍ର ସାହୁ ନିଯୁକ୍ତ

**ପାରାଦୀପ, ୧୨।୪ (ନି.ପ୍ର):** ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ର ଯୁବଗୋଷ୍ଠୀ କିପରି ଆତ୍ମ ନିର୍ଭରଶୀଳ ହେବା ସହିତ ଆଗାମୀ ଦିନରେ ମାନନୀୟ ପ୍ରଧାନ ମନ୍ତ୍ରୀ ଙ୍କ ପୂର୍ବଭାରତର ବିକାଶ ଓ ଆତ୍ମନିର୍ଭର ଭାରତ ଗଠନରେ ଯୁବଗୋଷ୍ଠୀ ର ସହଯୋଗ ଏବଂ ଆମ ଲୋକପ୍ରିୟ



ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତା ର ବାର୍ତ୍ତା କୁ ଆଗକୁ ଆଗେଇ ନେବା ପାଇଁ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟ କରିଆସୁଅଛି। ତେଣୁ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ଯୁବମୋର୍ଚ୍ଚା କୁ ଏକ ସୁସଙ୍ଗଠିତ ଓ ଶୃଙ୍ଖଳିତ କରିବା ନିମନ୍ତେ ମାନ୍ୟବର ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଦ୍ୱାରା ଯୁବମାନସର ପ୍ରତୀକ ତଥା ବେଶ ଜଣାଶୁଣା ନାଁ ଭାବେ ପରିଚିତ ଥିବା ଜିତେନ୍ଦ୍ର ସାହୁ (ଜିତୁ) ଙ୍କୁ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ ବିଜେପି ଯୁବମୋର୍ଚ୍ଚା ସଂଯୋଜକ ଭାବେ ନିଯୁକ୍ତି ଦିଆଗଲା ଏବଂ ମାନ୍ୟବର ମନ୍ତ୍ରୀ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଗଲା।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ




**କୋଣାର୍କ, ୧୨।୪ (ନି.ପ୍ର):** କୋଣାର୍କର ଅନ୍ୟତମ ଇଂରାଜୀ ମାଧ୍ୟମ ସ୍କୁଲ ଭାବେ ପରିଚିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ସ୍କୁଲର ନିର୍ଦ୍ଦେଶକ ସମୀର କୁମାର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ମୂଖ୍ୟବକ୍ତା ଭାବେ ଗୋପ ବ୍ଲକ ଉପାଧକ୍ଷ ବନ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ଶିକ୍ଷାବିତ୍ ଶକ୍ତି ପ୍ରସାଦ ମହାନ୍ତି, ଗୋପ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜ ଭୋଇ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ବେଉରା, ଆର୍ତ୍ତତ୍ରାଣ କାର୍ତିକେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, କୋଣାର୍କ ନଗର ବିଜେଡ଼ି ସଭାପତି ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ହେଉଛି ମଣିଷ ଓ ଚରିତ୍ର ତିଆରି କାରଖାନା, ଏଠାରେ ନିଜର ଶିକ୍ଷା ସହ ସମସ୍ତ ବିଭାଗରେ ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦନ କରିବା ଉଚିତ୍ । ଏଥି ସହିତ ଅଭିଭାବକ ମାନେ ମଧ ନିଜର ପିଲାଙ୍କ ଦକ୍ଷତା ଉପରେ ଆତ୍ମବିଶ୍ୱାସ ରଖିବା ଉଚିତ ବୋଲି ଅତିଥି ମାନେ ପିଲାମାନଙ୍କ ଉଦ୍ଦେଶ୍ୟରେ ଆଶୀର୍ବାଦ ବଚନ ପ୍ରଦାନ କରିଥିଲେ ।ପ୍ରାରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଅତିଥି ମାନଙ୍କ ପରିଚୟ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସ୍କୁଲର ପ୍ରଥମ ଅଧକ୍ଷା ଅତିପ୍ରିୟ ସ୍ୱର୍ଗତ ଲିଜାଲିନ ପାତ୍ରଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।ସ୍କୁଲର ଅଧକ୍ଷା ଶୁଭଲକ୍ଷ୍ମି ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ ।

## ରାଜ୍ୟ ସ୍ତରୀୟ ଲୋକକଳା ପାଇଁ ଦିନଟିଏ ପାଳିତ

# ଲୋକ କଳା ଆମ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରତୀକ : ଆଇନ ମନ୍ତ୍ରୀ

**ପିପିଲି,୧୨।୪ (ନି.ପ୍ର):** ଓଡ଼ିଶାର ଐତିହ୍ୟ, କଳା,ସଂସ୍କୃତି ଓ ଲୋକ କଳା ମହାନ ।ବିଶ୍ୱ ଦରବାରରେ ଏହାର ମହତ୍ତ୍ୱ ରହିଛି ।ଏହାକୁ ଆହୁରି ଅଧିକ ପରିବ୍ୟାପ୍ତ ଆମ ସମସ୍ତଙ୍କ ଧେୟ ହେବା ଉଚିତ ବୋଲି କହିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।ଓଡିଆ ପକ୍ଷ ପାଳନ ଅବସରରେ ଆଜି ପିପିଲି ପଦା ପଡିଆ ଠାରେ ରାଜ୍ୟ ସ୍ତରୀୟ ଲୋକକଳା ପାଇଁ ଦିନଟିଏ ଉତ୍ସବ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆମ ମହାନ ଲୋକକଳାର ସ୍ୱତନ୍ତ୍ର ଉପସ୍ଥାପନା ଓ ଆମ ଚମତ୍କାର ଖାଦ୍ୟ କୁ ଉପସ୍ଥାପିତ କରି ପର୍ଯ୍ୟଟକ ଙ୍କ ମାଧ୍ୟମରେ ବିଶ୍ୱ କୁ ଦେଖେଇ ବାକୁ ପଡିବ ବୋଲି ସେ କହିଥିଲେ ।ଯେଉଁ ଜାତି ନିଜ ଇତିହାସ, ଐତିହ୍ୟ ଓ ସଂସ୍କୃତି ର ସୁରକ୍ଷା ସହ ଆଗକୁ ନିଏ ସେ ଜାତି ବା ରାଜ୍ୟ ଶ୍ରେଷ୍ଠ ହୋଇ ପାରେ ।ମରାଠା, ପଞ୍ଜାବୀ, ଗୁଜୁରାଟୀ ମାନଙ୍କ ଉନ୍ନତି ଓ ବିକାଶ ଏହାର ବଡ ଉଦାହରଣ ।ଆମ ସରକାର ୨ ବର୍ଷ ଧରି ଓଡିଶା ଦିବସ କୁ କେବଳ ବର୍ଣ୍ଣାଢ୍ୟ ଭାବେ ପାଳନ କରୁନାହିଁ ବଂର ବରପୁତ୍ର ମାନଙ୍କ ଜନ୍ମ ସ୍ଥାନରେ ରାଜ୍ୟ ସ୍ତରୀୟ ଉତ୍ସବ ପାଳନ କରି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଛନ୍ତି ।ତତସହିତ ଓଡ଼ିଆ ପକ୍ଷ ପାଳନ ମାଧ୍ୟମରେ ଆମ ଖାଦ୍ୟ, ପୋଷାକ ପରିଧାନ, ଝୋଟି, ମୁରୁଜ ଅଙ୍କନ, ନୃତ୍ୟ ସଂଗୀତର ଲୋକ କଳା ପ୍ରଦର୍ଶନ, ଯୁବବର୍ଗ ଙ୍କ ମଧ୍ୟରେ ସାହିତ୍ୟ ର ସମୃଦ୍ଧିର ନବ ଉନ୍ମେଷ ଓ ଓଡ଼ିଆ ନବବର୍ଷ ପାଳନ ପାଇଁ ବ୍ୟବସ୍ଥା କରି ଓଡ଼ିଆ ଅସ୍ମିତା କୁ ପରିବ୍ୟାପ୍ତ କରାଯାଇଛି ।ପିପିଲି ରେ ଖୁବ ଶିଘ୍ର ଜାତୀୟ ରାଜପଥ ପାର୍ଶ୍ୱରେ ଶତାଧିକ ଚାନ୍ଦୁଆ ବ୍ୟବସାୟୀ ଙ୍କୁ ନେଇ



ବୃହତ ଚାନ୍ଦୁଆ ବଜାର କରାଯିବ,ଯାହା ପର୍ଯ୍ୟଟକ ଙ୍କୁ ଆକୃଷ୍ଟ ସହ ଆମ ଅର୍ଥନୀତି କୁ ମଧ୍ୟ ସମୃଦ୍ଧ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିବା ସହ ଓଡ଼ିଆ ଅସ୍ମିତା ର ପ୍ରଚାର ପ୍ରସାର ପାଇଁ ଐକ୍ୟ ବଦ୍ଧ ହେବା ଓ ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନ କୁ ସାର୍ଥକ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।ପୁରୀ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସମସ୍ତ ଲୋକ କଳା ଆମ ମହାନ ଓଡ଼ିଆ ସଂସ୍କୃତି ଓ ପରମ୍ପରା ର ପ୍ରତୀକ ଓ ପରିଚୟ ଅଟେ ।ବହୁ ଘାତ ପ୍ରତିଘାତରେ ଲୋକକଳା ତାହାର ଗରିମାକୁ ବଞ୍ଚାଇ ରଖିଛି ଓ ଆଗକୁ ଆହୁରି ଋଦ୍ଧିମନ୍ତ ହେବ ବୋଲି କହିବା ସହ ସମସ୍ତ କଳାକାର ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପିପିଲି ରେ ଲୋକ କଳା ପାଇଁ ଦିନଟିଏ ର ରାଜ୍ୟ ସ୍ତରୀୟ ଉତ୍ସବ କାର୍ଯ୍ୟକ୍ରମ କରା ଯାଇଥିବାରୁ ସରକାର ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ର ସୁରକ୍ଷା ପାଇଁ ଏହା ଏକ ଅଭିନବ ପଦକ୍ଷେପ ବୋଲି କହିବା ସହ ଖୁବ ଶିଘ୍ର ପିପିଲି ରେ ଆର୍ଟ ଓ କ୍ରାଫ୍ଟ ହବ ପ୍ରତିଷ୍ଠା ହେବ ବୋଲି ସୂଚନା ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମୁନିସିପାଲ କର୍ପୋରେସନ ର କମିଶନର ଅରୁଗୁଳା ସ୍ନେହା ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅତି ମହାନ ।ଏହି ଲୋକ କଳା ଯୁବ ପିଢ଼ି ମାନଙ୍କୁ ଆକୃଷ୍ଟ ଓ ଆଗେଇ ନେବାକୁ ପ୍ରେରଣା ଦେବ ବୋଲି କହିଥିଲେ ।ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଡ ସ୍ମିତା ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଆ ପକ୍ଷ ଅବସରରେ ଅମୃତପିଢ଼ି ସାରସ୍ୱତ ସମାରୋହ ଓ ବନ୍ଦନୀୟ ବରପୁତ୍ର ଦିବସ ପାଳିତ

**କଟକ, ୧୨।୪ (ନି.ପ୍ର):** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅମୃତପିଢ଼ି ସାରସ୍ୱତ ସମାରୋହ ଓ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ସ୍ୱରାଜ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ କଟକ ଏକ ଐତିହାସିକ ସହର ଓ ଏହାର ସଂସ୍କୃତି



, ପରମ୍ପରା , ଇତିହାସ କୁ ଉଜ୍ଜୀବିତ କରିବାପାଇଁ ଓଡିଆ ପକ୍ଷ ଏକ ସୁନ୍ଦର ଅବସର । ଏଥି ସହ ଉପସ୍ଥିତ ସାହିତ୍ୟିକ ଓ ଅତିଥି ମାନେ ଓଡ଼ିଆ ସାହିତ୍ୟର ଆହୁରି ଅଧିକ ଉନ୍ନତି ନିମନ୍ତେ ପରାମର୍ଶ ଦେବାକୁ କହିଥିଲେ । ସାହିତ୍ୟ ଇତିହାସ ର ବ୍ୟାସକବି ଫକୀରମୋହନ ସେନାପତି, ଗୋପିନାଥ ମହାନ୍ତି ଓ ପ୍ରତିଭା ରାୟ ଙ୍କ ଭଳି ଅନେକ ସାରସ୍ୱତ ସାଧକଙ୍କ ର ମହତ୍ତ୍ୱପୂର୍ଣ୍ଣ ଅବଦାନ କୁ ସ୍ମରଣ କରିବା ସହିତ ସାହିତ୍ୟ ମଧ୍ୟ ଜୀବିକା ହୋଇପାରିବ କହି ଉପସ୍ଥିତ ସାହିତ୍ୟ ପ୍ରେମୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏବଂ ଏହି ପବିତ୍ର ଅବସରରେ ସେ ଉପସ୍ଥିତ ରହି ନିଜକୁ ଗର୍ବିତ ଅନୁଭବ କରୁଥିବା ଜିଲ୍ଲାପାଳ ଶ୍ରୀ ଶିନ୍ଦେ ମତ ପ୍ରକାଶ କରିଛନ୍ତି । ଏହି ସମାରୋହରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୂୟାଁ, ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ଅମରେଶ ପଟ୍ଟନାୟକ, ବିଶିଷ୍ଟ କବି ଓ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଧନଞ୍ଜୟ ସ୍ୱାଇଁ, ବିଶିଷ୍ଟ କବି ଓ ସାହିତ୍ୟିକ ଶ୍ରୀଯୁକ୍ତ ସୁରେଶ ନାୟକ ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସମାରୋହରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ସାହିତ୍ୟିକ ଯୋଗ ଦେଇ କବିତା ପାଠ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ ଓ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଦୀପ୍ତି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଘୋଷିତ ବିଦ୍ୟୁତ କାଟକୁ ନେଇ ସାଧାରଣରେ ଅସନ୍ତୋଷ

**ବୁଗୁଡା,୧୨।୪ (ନି.ପ୍ର) :** ରାଜ୍ୟ ସରକାର ଚବିଶି ଘଣ୍ଟିଆ ବିଦ୍ୟୁତ୍ ଯୋଗାଣର ଡିଣ୍ଡିମ ପିଟୁଥିବା ବେଳେ ଟାଟାର ଅଘୋଷିତ ବିଦ୍ୟୁତ କାଟ ଘଟଣା ବୁଗୁଡା ଅଞ୍ଚଳବାସୀଙ୍କ ପାଇଁ ପରିହାସ ସଦୃଶ ହୋଇଛି । ମେଘ ଘୋଟିଲେ କିମ୍ବା ସାମାନ୍ୟ ପବନ ହେଲେ ବିଦ୍ୟୁତ୍ ଯୋଗାଣ ଠପ୍ ହୋଇଯିବା ଅଞ୍ଚଳବାସୀଙ୍କ ପାଇଁ ସାଧାରଣ ଘଟଣା ପାଲଟିଥିବା ବେଳେ ବିନା ମେଘ ପବନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ହେଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ମାଡ ଭଳି ହେଉଛି । ଅନ୍ୟପକ୍ଷରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବୁଗୁଡା ସହରର ଅନେକ ସାହିରେ ପାନୀୟ ଜଳ ଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇ ଲୋକେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ଏଥି ସହ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଇନଭେଟର୍ ମଧ କାମ କରୁନଥିବାରୁ କେବଳ ସରକାରୀ କାର୍ଯ୍ୟାଳୟ ନୁହେଁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର କାର୍ଯ୍ୟରେ ମଧ ବ୍ୟାଘାତ ସୃଷ୍ଟି ହେଉଛି । କେଉଁ କାରଣରୁ ଏଭଳି ଅଘୋଷିତ ବିଦ୍ୟୁତ କାଟ ହେଉଛି ସେନେଇ ବିଦ୍ୟୁତ୍ ବିଭାଗୀୟ ଅଧିକାରୀମାନେ କୌଣସି ଯୁକ୍ତିଯୁକ୍ତ ତଥା ସନ୍ତୋଷଜନକ ଉତ୍ତର ଦେଇ ପାରୁନଥିବା ବେଳେ ଅଞ୍ଚଳର ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ସ୍ଥାନୀୟ ସଚେତନ ନାଗରିକ ଏବଂ ବୁଦ୍ଧିଜୀବୀ ମହଲରୁ ଏହି ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜନ ଆନ୍ଦୋଳନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା ବେଳେ ଅସନ୍ତୁଷ୍ଟ ଜନତା ବିଦ୍ୟୁତ୍ ବିଭାଗର ମନମାନି ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଜଣାଯାଇଛି । ଏଣୁ, ଲୋକେ ରାଜରାସ୍ତାକୁ ଓହ୍ଲାଇବା ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଘୋଷିତ ବିଦ୍ୟୁତ କାଟ ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ପ୍ରାଇଭେଟ ହୋମିଓପାଥିକ ପ୍ରାକ୍ଟିସନର ଆସୋସିଏସନର ୧୧ତମ ସମ୍ମିଳନୀ

# ହ୍ୟାନିମାନଙ୍କ ୨୭୨ତମ ଜନ୍ମଦିବସ ପାଳନ




**ଭୁବନେଶ୍ୱର,୧୨।୪ (ନି.ପ୍ର):** ଭଂଞ୍ଜକଳା ମଣ୍ଡପ ସମ୍ମିଳନୀ କକ୍ଷରେ ସଂଘ ର ରାଜ୍ୟ ସଭାପତି ଡ଼. ନେତ୍ରାନନ୍ଦ ଭୋଇଙ୍କ ସଭାପତିତ୍ୱ ରେ ୧୧ତମ ବାର୍ଷିକ ସମ୍ମିଳନୀ ଓ ହୋମିଓ ପାଥିକର ଜନକ ହ୍ୟାନିମାନଙ୍କ ୨୭୨ତମ ଜନ୍ମ ଜୟନ୍ତୀ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ସୁଧାଂଶୁ ଶେଖର ସିଂହ, ଡା. ଲକ୍ଷ୍ମଣ ପଣ୍ଡା,ସମାଜ ର ପୂର୍ବତନ ସମ୍ପାଦକ ଡ଼. ପ୍ରଭାସ ଆଚାର୍ଯ୍ୟ,ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର,ବିଜେପି ନେତା ଜଗନ୍ନାଥ ପ୍ରଧାନପ୍ରମୁଖ ଉପସ୍ଥିତ ରହି ବିଶ୍ୱ ହୋମିଓପାଥିକ ଦିବସ ପାଳନ ଅବସରରେ ଦେଶ ତଥା ରାଜ୍ୟରେ ହୋମିଓ ପାଥିକ ଚିକିତ୍ସା ଉପରେ ଆଦର ବଢ଼ୁଛି । ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ରୋଗୀ ଗୁଣାତ୍ମକ ଚିକିତ୍ସା ପାଉଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଡା.ଅନିଲ ବେହେରା,ଡା. ବନ ବିହାରୀ ନାୟକ ଓ ଗନ୍ଧର୍ବ ବାରିକ ପ୍ରମୁଖ ଙ୍କୁ ଏକଲବ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା, ଉପସଭାପତି ଜଗନ୍ନାଥ ଦାସ, ସାଧାରଣସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ଉପଦେଷ୍ଟା ନିହାର ରଞ୍ଜନ ବିଶ୍ୱାଳଙ୍କ ସମେତ ସଭ୍ୟ କପିଳେନ୍ଦ୍ର ଗିରି, ସୁଶାନ୍ତ କୁମାର ଭୋଳ, ଅଶୋକ ଆଚାର୍ଯ୍ୟ, ଅନନ୍ତ ନାରାୟଣ ସାହୁ, ବିକାଶ ରଞ୍ଜନ ମହାନ୍ତି,, ସୁଜିତ ପ୍ରଧାନ, ନାରାୟଣ ବିଶୋଇ ଓ କଳ୍ପନା କୁମାରୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ । ସଂଘ ପକ୍ଷରୁ ସ୍ମରଣିକା ଓ କ୍ୟାଲେଣ୍ଡର ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା, ଶେଷରେ ଚିକିତ୍ସକ ରଞ୍ଜିତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବତୀଙ୍କ ଆତ୍ମହତ୍ୟା

**ପାରଳାଖେମୁଣ୍ଡି,୧୨।୪(ନି.ପ୍ର):** ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିର ଖଞ୍ଜା ସାହିରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଖଞ୍ଜା ସାହିରେ ଶୁଭ୍ର ସାମଲ ନାମକ ଜଣେ ଯୁବତୀ ଘରେ କେହି ନ ଥିବା ସମୟରେ ଘରର ଶିଡ଼ି ତଳେ ନିଜ ଉପରେ କେରୋସିନି ଢାଳି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ଘରେ କେହି ଜଣେ ଚିତ୍କାର କରିବା ଶୁଣି ସାହି ପଡ଼ୋଶୀ ପାରଳାଖେମୁଣ୍ଡି ଥାନାକୁ ଖବର ଦେଇଥିଲେ । ଏହା ପରେ ପୋଲିସ ଆସି ଘର ଲୋକଙ୍କୁ ଖବର ଦେଇ ଘରେ ଦେଖିବା ସମୟରେ ଶିଡ଼ି ତଳେ କିରୋସିନିରେ ପୋଡି ହୋଇ ଶୁଭ୍ରଙ୍କ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି । ତେବେ ଏହାର ପଛରେ କେଉଁ କାରଣ ରହିଛି ବର୍ତ୍ତମାନ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ


**ବଲାଙ୍ଗୀର, ୧୨।୪ (ନି.ପ୍ର):** ସ୍ଥାନୀୟ ଗାନ୍ଧୀନଗର ପଡା ସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ସମ୍ମାନୀତ ଅତିଥି ରୂପେ ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା,ବରିଷ୍ଠ ଶିକ୍ଷୟତ୍ରୀ ନୂତନ ନାୟକ ମଞ୍ଚାସୀନ ଥିଲେ ।ମୁଖ୍ୟ ଅତିଥି




ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ନୈତିକ ମୂଲ୍ୟବୋଧ ର ଅଭାବ ଦେଖାଦେଇଛି, ଯାହାକୁ ଶିକ୍ଷା ମାଧ୍ୟମରେ ପୂରଣ କରିବା ଆବଶ୍ୟକ । ଛାତ୍ରୀମାନେ ଯଦି ଛୋଟ ବେଳୁ ଭଲ ଅଭ୍ୟାସ ଓ ଉଚ୍ଚ ଆଦର୍ଶ ଅନୁସରଣ କରିବେ,ତେବେ ସେମାନେ ଭବିଷ୍ୟତ ରେ ସମାଜର ଉନ୍ନତିରେ ମୂଳ ଭୂମିକା ନେବେ ବୋଲି କହିବା ସହ ନୈତିକ ମୂଲ୍ୟବୋଧ ମନୁଷ୍ୟକୁ ସଫଳତା ଓ ସମ୍ମାନର ଶୀଖରକୁ ନେଇଯାଏ ବୋଲି କହିଥିଲେ ।ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଭୋଇ ନିଜ ବକ୍ତବ୍ୟରେ ଆଜିର ସମୟରେ ଝିଅ ମାନଙ୍କ ଶିକ୍ଷା ଓ ସଶକ୍ତିକରଣ ବହୁତ ଆବଶ୍ୟକ ।ଛାତ୍ରୀମାନେ ଆତ୍ମବିଶ୍ୱାସ, ପରିଶ୍ରମ ଓ ଶୃଙ୍ଖଳା ର ସହିତ ଆଗକୁ ବଢ଼ିଲେ ନିଶ୍ଚିତ ଭାବେ ଜୀବନରେ ଉଚ୍ଚ ସଫଳତା ଅର୍ଜନ କରିପାରିବେ ବୋଲି କହିଥିଲେ । ସେ ଆହୁରି ଉଲ୍ଲେଖ କରିଥିଲେ ଯେ,ଶିକ୍ଷା ସହିତ ସଂସ୍କାର, ନୈତିକତା ଓ ସମାଜ ପ୍ରତି ଦାୟିତ୍ୱବୋଧ ଗଢି ଉଠିବା ଦରକାର । ଏହି ପରି ଗୁଣ ଏକ ଛାତ୍ରୀକୁ ସଫଳ ନାଗରିକ ଭାବେ ପରିଚିତ କରେ ବୋଲି କହିଥିଲେ ।ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଶ୍ରେଷ୍ଠ ଛାତ୍ରୀ ରୂପେ ଦଶମ ଶ୍ରେଣୀ ଛାତ୍ରୀ ଅଙ୍କିତା ବିଶ୍ୱାଳ, ଶ୍ରେଷ୍ଠ ଏନସିସି କେଡେଟ ଅର୍ପିତା ମନହିରା,ଶ୍ରେଷ୍ଠ ଗାଇଡ଼ ମନୀଷା ପାଣିଗ୍ରାହୀ,ଜୁନିଅର ରେଡକ୍ରସ ର ଶ୍ରେଷ୍ଠ ଜୁନିଅର ଭାବେ ଦମୟନ୍ତୀ ଖୁଆସ,ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ରୂପେ ପ୍ରିୟଙ୍କା ରଣା ଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।ଶିକ୍ଷୟତ୍ରୀ ସବିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ର ସଂଯୋଜନା ଶିକ୍ଷକ ସୁରେଶ ବାରିକ କରିଥିଲେ ।ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ନୂତନ ନାୟକ ଧନ୍ୟବାଦ ଦେଇଥିଲେ ।ସଭା ପରେ ବିଦ୍ୟାଳୟ ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷାକର୍ମଚାରୀ ସହଯୋଗ କରିଥିଲେ ।

# କଂଗ୍ରେସ ର ସାଙ୍ଗଠନିକ ବୈଠକ


**ପାରାଦୀପ/ରଘୁନାଥପୁର, ୧୨।୩ (ନି.ପ୍ର):** ରଘୁନାଥପୁର ବ୍ଲକ କଂଗ୍ରେସ ତରଫରୁ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଙ୍କ ପୌରହିତ୍ୟ ରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା କଂଗ୍ରେସ ତରଫରୁ ପ୍ରସ୍ତୁତ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମ ର ଏକ ଖସଡ଼ା ଉପରେ ଆଜି ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଆଗାମୀ ଦିନ ରେ ପ୍ରତିଟି ଗ୍ରାମ ପଞ୍ଚାୟତ ସ୍ତରରେ ଦଳର ସାଙ୍ଗଠନିକ ସ୍ଥିତି ମଜଭୁତ କରିବାକୁ କାର୍ଯ୍ୟକର୍ମ ରେ ନିଷ୍ପତି ନିଆଗଲା ଯାଇଛି । ଆଜିର ବୈଠକ ରେ ଉପସ୍ଥିତ ସମସ୍ତ ପଞ୍ଚାୟତ ସଭାପତି, ବିଏଲଏ-ଓଓ, ଗୁରୁଜନ, ବୁଦ୍ଧିଜୀବି, ମହିଳା, ଯୁବ ଏବଂ ଛାତ୍ର ମାନେ ଯୋଗ ଦେଇ ଥିବାରୁ ଧ୍ୱଜରାଜ



ସମସ୍ତଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣେଇବା ସହ ଉତ୍ତରୋତ୍ତର କାମନା କରିଥିଲେ । ବିଶେଷ କରି ସଂଗଠନ କୁ ଉତ୍ସାହିତ କାରିବାକୁ ଯୋଗ ଦେଇଥିବା ଜିଲ୍ଲା କଂଗ୍ରେସ ର ଉପ-ସଭାପତି ତଥା ଏହି ବ୍ଲକ ର ପ୍ରଭାରୀ ଧ୍ୱଜରାଜ ଖଣ୍ଡୁଆଳ (ମୁନା ବାବୁ), ସହ-ପ୍ରଭାରୀ ତଥା ଜିଲ୍ଲା କଂଗ୍ରେସ ର ସମ୍ପାଦକ ଜିତୁ ନାରାୟଣ ସାହୁ, ଜିଲ୍ଲା କଂଗ୍ରେସ ର ପ୍ରବକ୍ତା ତଥା ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ଜିଲ୍ଲା କଂଗ୍ରେସ ର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାମଲୀଳା ମହୋତ୍ସବର ପୂର୍ଣ୍ଣାହୁତି

**ବଲାଙ୍ଗିର, ୧୨।୪ (ନି.ପ୍ର),** ମହୀମୁଣ୍ଡା ଜଗନ୍ନାଥ ନାଟ୍ୟ କଳା ପରିଷଦ ର ରାମଲୀଳା ମହୋତ୍ସବ ର ପୂର୍ଣ୍ଣାହୁତି ହେବା ସଙ୍ଗେ ସଙ୍ଗେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଙ୍କଶୁଭ ଅଭିଷେକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଅଭିଷେକ କାର୍ଯ୍ୟକ୍ରମ ରେ ଗ୍ରାମ ର ସମସ୍ତେ ଆବାଳ ବୃଦ୍ଧ ବନିତା ଦର୍ଶନ କରିବା ସହିତ ଆଖ ପାଖ ଅଞ୍ଚଳରୁ ହଜାର ହଜାର ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ରୁଣ୍ଡ ହୋଇ ପ୍ରଭୁ ଙ୍କ ଦର୍ଶନ କରିଥିଲେ । ସମସ୍ତ ଙ୍କ ପାଇଁ ମିଠା ଅନ୍ନ ଓ ତରକାରୀ ବହୁତ୍ ପରିମାଣ ରେ ବଣ୍ଟା ଯାଇଥିଲା । ପ୍ରତ୍ୟେକ ବର୍ଷ ଅଭିଷେକ ଦିନ ଏହିପରି କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ । ବିଭିନ୍ନ ଭୂମିକାରେ -ଝସକେତନ ବିଶ୍ୱାଳ, ମହେଶବିଶ୍ୱାଳ , ଅନୀଳ ଭୋଇ, ସନ୍ତୋଷ ସାହୁ, ଜଗନ୍ନାଥ ବିଶ୍ୱାଳ, ବୁଧୁ ସାହୁ, ଦୀଲିପ ଭୋଇ, ମିଥୁନ,ସୁରଜ୍,ଖୁସିରାମ,ବୀର କିଶୋର, ଦିନେଶ,ପ୍ରମୁଖ କଳାକାର ଅଭିନୟ କରିଥିଲେ । ମୁଖ୍ୟ ସେବକ ଭାବରେ ଶ୍ରୀ ପ୍ରଦୀପ ବିଶ୍ୱାଳ ? ଏବଂ ପଦ୍ମ କାନ୍ତୀ ବିଶ୍ୱାଳ ନିୟୋଜିତ ହୋଇ ଥିଲେ । ପ୍ରତି ଦିନ ସମସ୍ତ ବ୍ରତୀ ଗୋଟିଏ



ଯାଗାରେ ପ୍ରସାଦ ପାଉଥିଲେ ଏବଂ ପ୍ରସାଦ ପ୍ରସ୍ତୁତି ରେ, ଅଗଷ୍ଟ ଧରୁଆପିଟୋ, ସତ୍ୟବାଦୀ ବିଶ୍ୱାଳ, ପୀତାମ୍ବର ଦେହେରୀ, ରଘୁମଣି ବିଶ୍ୱାଳ ପ୍ରମୁଖ ସହଯୋଗୀ ଥିଲେ ।ଦ୍ୱୈତ ରଙ୍ଗମଞ୍ଚ ରେ ଶ୍ରୀ ଅମର ପ୍ରଧାନ, ଦୀଲିପ ବିଶ୍ୱାଳ, ଆଲୋକ, ବୁଲୁ,ମନୋଜ, ପୃଥ୍ୱୀରାଜ,ଭୁତୁଲୁ, ଆଦି ସହଯୋଗୀ ଥିଲେ ।ପୂଜା କାର୍ଯ୍ୟ ଶ୍ରୀ ଶିବ ପଣ୍ଡା ତୁଲାଉଥିଲେ । ସଂଗୀତ ଗୁରୁ ଶ୍ରୀ ଶିବ ପ୍ରସାଦ ସାହୁ ଙ୍କ ସଂଯୋଜନା ରେ ଗୁରୁ ଶ୍ରୀ ଗିରିଧାରୀ ଥନାପତି, ଚନ୍ଦ୍ର ମଣି ସାହୁ, ଜିତେନ୍ଦ୍ର ଭୋଇ ବିଭିନ୍ନ ବାଦ୍ୟଯନ୍ତ୍ର ରେ ସହଯୋଗ କରିଥିଲେ । ଅନାଦି ସାହୁ , ପ୍ରସନ୍ନ ସାହୁ, ଡାକ୍ତର ବ୍ରଜବନ୍ଧୁ ରଥ, ତୀର୍ଥ ବାସୀ ବିଶ୍ୱାଳ,ତପି ମୋହନ ସାହୁ, ଲିଙ୍ଗ ବୁଡେକ ପ୍ରମୁଖ ତତ୍ତ୍ୱାବଧାରକ ଥିଲେ ।ଏବଂ ଗତକାଲି ତା ୧୦-୦୪-୨୦୨୬ ଦିନ ସମସ୍ତ ବ୍ରତୀ ମାନେ ବିଭିନ୍ନ ତୀର୍ଥ ସ୍ଥାନରେ ଯଥା-ହରିଶଙ୍କର ଏବଂ ଛତିଶଗଡ଼ର ଚନ୍ଦ୍ରହାସିନୀ ଠାରେ ବ୍ରତ ର କଙ୍କଣ ସୂତ୍ର ଓ ଉପବିତ ଭସାଇ ନିଜ ନିଜ ଗୃହ କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

# ନାନୋ ସାର ସଚେତନତା ପାଇଁ ଇଫ୍‌କୋର ଦେଶବ୍ୟାପୀ ମେଗା ଅଭିଯାନର ଶୁଭାରମ୍ଭ

ନୂଆଦିଲ୍ଲୀ /ପାରାଦୀପ - ଦେଶବ୍ୟାପୀ ନାନୋ ସାର ସଚେତନତା ମେଗା ଅଭିଯାନର ଶୁଭାରମ୍ଭ କରିଛନ୍ତି ଇଫକୋର ଅଧ୍ୟକ୍ଷ ଦିଲ୍ଲୀପ ସଂଘାଣି । ଶ୍ରୀ ସଂଘାଣୀ ଦିଲ୍ଲୀରୁ ପାଞ୍ଚଟି ନାନୋ ପ୍ରଚାର ଭ୍ୟାନ୍‌କୁ ପତାକା ଦେଖାଇ ଏହି ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୬୦ଟି ଜିଲ୍ଲା ଏବଂ ୩,୪୭୭ଟି ତହସିଲରେ ବ୍ୟାପକ ଭାବେ ଚାଲିବ ବୋଲି ଶ୍ରୀ ସଂଘାଣୀ କହିଛନ୍ତି ।ନାନୋ ଏନପିକେ ଲିକ୍ୱିଡ୍ (୮-୮-୧୦) ଓ ନାନୋ ଏନପିକେ ଗ୍ରାନୁ୍ୟଲାର (୨୦-୧୦-୧୦) କୁ ଭାରତର ସାର ନିୟନ୍ତ୍ରଣ ଆଦେଶ (ଏଫସିଓ) ଭିତରେ ଅଗ୍ରାଧିକାର ଦିଆଯାଇଛି ।ଏହି ଅଭିଯାନ ପ୍ରିଣ୍ଟ, ଟେଲିଭିଜନ୍, ରେଡିଓ, ଆଉଟଡୋର ଓ ଡିଜିଟାଲ୍ ମାଧ୍ୟମ ସମେତ ବହୁମାଧ୍ୟମୀ ପ୍ରଚାର ପ୍ରଣାଳୀକୁ ଆପଣାଯିବ ବୋଲି ଶ୍ରୀ ସଂଘାଣୀ କହିଛନ୍ତି ।

ଭାରତର ସର୍ବବୃହତ୍ ସାର ଉତ୍ପାଦକାରୀ ସଂସ୍ଥା ଇଫକୋ ଆଜି ଅଧିକାରିକ ଭାବେ ନାନୋ ସାର ସଚେତନତା ମେଗା ଅଭିଯାନ ଆରମ୍ଭ କରିଛି । ଆୟୋଜିତ ଏକ ପ୍ରେସ୍ ସମ୍ମିଳନୀରେ ଉଦବୋଧନ ଦେଇ ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାଣୀ କହିଛନ୍ତି ଯେ, ଏହା ଭାରତୀୟ କୃଷକମାନଙ୍କ ମଧ୍ୟରେ ନାନୋ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ଏହା ଏକ ସମଗ୍ର ଜାତୀୟ ଅଭିଯାନ ବୋଲି କହିଛନ୍ତି । ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ଓ ସହକାରୀ ମନ୍ତ୍ରୀ ଅମିତ ଶାହଙ୍କ ପ୍ରେରଣାରେ "ଆତ୍ମନିର୍ଭର ଭାରତ" ଓ "ସହକାର ରେ ସମୃଦ୍ଧି" ଭଳି ଜାତୀୟ ଅଭିଯାନ ସହ ସମନ୍ୱୟରେ ଆରମ୍ଭ ହୋଇଛି ।

କୋୟମ୍ବାଟୁରରେ ଅବସ୍ଥିତ ଇଫକୋ-ନାନୋଭେନ୍ସ ନବୀନତା କେନ୍ଦ୍ର ଓ ବ୍ରାଜିଲରେ ଆସନ୍ତା ଜୁନ୍ ୨୦୨୬ ମଧ୍ୟରେ ଚାଲୁ ହେବାକୁ ଥିବା ନାନୋ ସାର କାରଖାନା ଭାରତର କୃଷି କ୍ଷେତ୍ରରେ ନାନୋ ପ୍ରଯୁକ୍ତିକୁ ବିଶ୍ୱସ୍ତରୀୟ ଶକ୍ତିକୁ ପ୍ରଦର୍ଶନ କରିଛି




। ଆହୁରି ମଧ୍ୟଶ୍ରୀ ସଂଘାଣୀ କହିଛନ୍ତି ଯେ, ଭାରତ ଏକ ଐତିହାସିକ ମାଇଲଖୁଣ୍ଟ ରେ ପଦାର୍ପଣ କରି ପାରିଛି ଜ୍ଞ ଯାହାକି ପାରମ୍ପରିକତା ଓ ପ୍ରଯୁକ୍ତି ମିଶି କୃଷିକୁ ନୂତନ ଦିଗ ସୃଷ୍ଟି କରିପାରିଛି. । ଏହି ଅଭିଯାନ "ସହକାର ସେ ସମୃଦ୍ଧି" ଦୃଷ୍ଟିକୋଣକୁ ପ୍ରତିଫଳିତ କରି ଆତ୍ମନିର୍ଭର କୃଷିକୁ ସମର୍ଥନ କରୁଛି । ନାନୋ ସାର ବିପ୍ଳବକୁ ଭାରତୀୟ କୃଷି ପାଇଁ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତ ବୋଲି କହିଛନ୍ତି । ନାନୋ ୟୁରିଆ ପ୍ଲସ୍, ନାନୋ ଡିଏପି, ନାନୋ ଏନପିକେ, ନାନୋ ଜିଙ୍କ ଓ ନାନୋ କପରର ପ୍ରଚାର, ଫୋଲିଆର୍ ସ୍ପ୍ରେ ମାଧ୍ୟମରେ କୃଷକମାନଙ୍କୁ ସାରର ସଠିକ୍ ବ୍ୟବହାର ଶିକ୍ଷା, ପାରମ୍ପରିକ ସାର ଉପରେ ନିର୍ଭରତା କମାଇବା,ସହକାରୀ ନେଟୱର୍କ ମାଧ୍ୟମରେ ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚିବା କୁ ସୁନିଶ୍ଚିତ କରିବା ହେଉଛି ଅଭିଯାନ ର ମୁଖ୍ୟ ଉଦ୍ଦେଶ୍ୟ କ୍ଷ ସେ କହିଛନ୍ତି ଯେ, ପ୍ରାଥମିକ କୃଷି ସହକାରୀ ସମିତି (ପିଏସିଏସ) ଓ କ୍ଷେତ୍ର ଦେଖାଣି ମାଧ୍ୟମରେ ଗ୍ରାମାଞ୍ଚଳରେ ସଚେତନତା ବୃଦ୍ଧି କରିପାରିଲେ କୃଷକମାନେ ପ୍ରତ୍ୟକ୍ଷ ଭାବେ ଆତ୍ମ ବିଶ୍ୱାସ ଜନ୍ମାଇ ପାରିବେ । ଶେଷରେ ଶ୍ରୀ ସାଙ୍ଘାଣୀ ଏହି ଅଭିଯାନକୁ ଏକ ଜନଆନ୍ଦୋଳନର ରୂପ ଦେବାକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ, ନାନୋ ସାର କେବଳ ଉତ୍ପାଦ ନୁହେଁ, ବରଂ ମାଟି ସୁରକ୍ଷା, ପରିବେଶ ସୁଧାର ଓ କୃଷକଙ୍କ ଆୟ ବୃଦ୍ଧି କ୍ଷେତ୍ରରେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଜ୍ଞ କୃଷକ ମାନଙ୍କ ଆବଶ୍ୟକତା କୁ ଲକ୍ଷକରି ଇଫକୋ ଦ୍ୱାରା ୨୧.୮ ମିଲିୟନ୍ ବୋତଲ୍ ନାନୋ ୟୁରିଆ ପ୍ଲସ୍ ଲିକ୍ୱିଡ୍ ଓ ୬.୪୨୬ ମିଲିୟନ୍ ବୋତଲ୍ ନାନୋ ଡିଏପି ଲିକ୍ୱିଡ୍ ବିକ୍ରି ହୋଇଥିଲା ବେଳେ ନାନୋ ଜିଙ୍କ ଓ ନାନୋ କପର ମଧ୍ୟ ପ୍ରଥମ ବର୍ଷରେ ବେଶ ଉଲ୍ଲେଖନୀୟ ବିକ୍ରି ହାସଲ କରିପାରିଛି ।

# ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ମୃତ

ଜଗତସିଂହପୁର, ତା୧୨/୪(ମନ୍ଥନ) ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦ୍ୱୀପ ରାଜରାସ୍ତାର ଜଗନ୍ନାଥପୁର ଠାରେ ଏକ ଅଜଣା ଗାଡ଼ି ଧକ୍କାରେ ସାଲେପୁର ଥାନା ଅନ୍ତର୍ଗତ ସାରଦା ଗ୍ରାମର ଦେବେନ୍ଦ୍ର ମହାନ୍ତିଙ୍କ ପୁଅ ଶୁଭ୍ରଜିତ ମହାନ୍ତି(୩୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସହିତ ଯାଉଥିବା ଅନ୍ୟ ଏକ ଯୁବକ ବିଶ୍ୱଜିତ ମିଶ୍ର ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ, ଗତକାଲି ବିଳମ୍ବିତ ରାତି ୨ଟା ୩୦ ମିନିଟ୍ ସମୟରେ ଦୁଇ ବାଇକ ଆରୋହୀ କଟକ ଅଭିମୁଖେ ଯାଉଥିବା ସମୟରେ ରଘୁନାଥପୁର ଥାନା ଜଗନ୍ନାଥପୁର ବଜାର ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା । ବାଇକ ଆରୋହୀ ଦୁଇଜଣ ଘଟଣା ସ୍ଥଳରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ବେଳେ ଖବରପାଇ ରଘୁନାଥପୁର ଥାନା ଏସ ଆଇ ଯୋଗେଶ୍ୱର ବେହେରା ସେଠାରେ ପହଞ୍ଚି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରଘୁନାଥପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଶୁଭ୍ରଜିତ ମହାନ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବିଶ୍ୱଜିତ ମିଶ୍ରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ଏହି ଘଟଣାରେ ଥାନା ପୋଲିସ କେଶ୍ ନଂ ୭୫/୨୦୨୬ରେ ଏକ ମାମଲା ରୁଜୁ କରି ଶବଟିକୁ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ପଠାଯାଇଛି । ଧକ୍କା କରିଥିବା ଗାଡ଼ିଟିର ଏ ପର୍ଯ୍ୟନ୍ତ କୌଣସି ସୁରାକ୍ ମିଳିନଥିବା ଜଣାଯାଇଛି ।


## ଏକାଦଶାହ ଉପଲକ୍ଷେ



### ୰ ମେଜର ଲକ୍ଷ୍ମୀଧର କରଣ

ଆବିର୍ଭାବ:୦୧.୦୭.୧୯୫୦ ତିରୋଧାନ:୦୩.୦୪.୨୦୨୬

ତୁମର ସ୍ନେହ, ମମତା, ସତ୍ୟବଚନ, ସତ ଚିନ୍ତାଧାରା, ନିର୍ଭିକତା, ସାହାସିକତା, ଆମ୍ଭମାନଙ୍କ ପାଇଁ ପ୍ରେରଣା ର ଉତ୍ସ ହୋଇ ରହିବ । ପ୍ରଭୁ ଶ୍ରୀ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ପଦାରବିନ୍ଦରେ କୋଟିକୋଟି ପ୍ରଣାମ । ଆପଣଙ୍କ ଅମର ଆତ୍ମାର ସଦଗତି ହେଉ ।

ଶୋକସନ୍ତପ୍ତ ପରିବାରବର୍ଗ

ଝିଅ -ରଶ୍ମିତା କରଣ (ମାନୁ) ଜୁଆଇଁ -ବିକ୍ରମ କେଶରୀ ପରିଡା, ପୁତ୍ରଓ ପୁତ୍ରବଧୂ-ସରୋଜ,ସୁବ୍ରତ, ସୁଶାନ୍ତ,ଦୀପା, ବେବିନା, ଓ ସୀମା,, ନାତି ନାତୁଣୀ -ଶ୍ରୀ, ଶ୍ରେୟା, ଖୁସୀ, ଦିଶା, ପ୍ରୀତି, ସ୍ମିତି, ଜୀତ ଓ ତେଜ ଙ୍କ ସହିତ ବନ୍ଧୁ ଓ ଆତ୍ମୀୟ ସ୍ୱଜନ ।


# ଓଡିଶାର ଗ୍ରାମାଞ୍ଚଳରେ ଉନ୍ନତ ଚିକିତ୍ସା ଉପଲବ୍ଧ କରାଉଛି ୟୁଏଆଇଏଲ୍‌ର ଉତ୍କଳ ହସପିଟାଲ

## ୪୭୦ ଗ୍ରାମରେ ୫୭,୦୦୦ ଲୋକଙ୍କ ନିକଟରେ ପହଞ୍ଚୁଛି

ରାୟଗଡ଼ା,୧୧/୪: ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧୀନସ୍ଥ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍) ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃସୁଦୃଢ଼ୀକରଣ କରି ରାୟଗଡା ଜିଲ୍ଲାର ଟିକିରି (ଓଷାପଡା) ଠାରେ ଉତ୍କଳ ହସପିଟାଲର ସଫଳ ପରିଚାଳନା ଜରିଆରେ ଦକ୍ଷିଣ ଓଡିଶାରେ ସ୍ୱାସ୍ଥ୍ୟସେବା ସୁଲଭଭ୍ୟତାକୁ ନିରନ୍ତର ସୁଦୃଢ଼ କରିବାରେ ଲାଗିଛି । ଏହି ହସପିଟାଲ ସମୟୋଚିତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ପାଇବାରେ ଚାଲେଞ୍ଜର ସମ୍ମୁଖୀନ ହେଉଥିବା ଦୁର୍ଗମ ଅଞ୍ଚଳ ଓ ଗ୍ରାମାଞ୍ଚଳର ଜନସମୁଦାୟଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସ୍ଥଳରେ ପରିଣତ ହୋଇଛି ।



ୟୁଏଆଇଏଲ୍‌ର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରୟାସ 'ପ୍ରୋଜେକ୍ଟ ଆରୋଗ୍ୟମ୍ ୦୧'ର ଏକ ମାଇଲଖୁଣ୍ଟ ଭାବରେ ସେବା ଯୋଗାଉଥିବା ଉତ୍କଳ ହସପିଟାଲ ସମଗ୍ର ଓଷାପଡା, ଟିକିରି, କାଶୀପୁର, ରାୟଗଡା ଏବଂ କୋରାପୁଟ ଜିଲ୍ଲାର କେତେକ ଭାଗରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସମର୍ଥନ ଯୋଗାଇଦେଉଛି । ନୂଆପଡା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ସହିତ ସମନ୍ୱୟ ରକ୍ଷାକରି ଏହି ହସପିଟାଲ ପ୍ରତିମାସରେ ପ୍ରାୟ ୭,୫୦୦ ରୋଗୀଙ୍କର ଚିକିତ୍ସା କରୁଛି । ଆଉ ପ୍ରାୟ ୨,୫୦୦ ରୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଫାଷ୍ଟ ଏଡ୍ ସେଣ୍ଟର ଜରିଆରେ ସ୍ୱାସ୍ଥ୍ୟସେବା ପାଉଛନ୍ତି ।୨୨ ଶଯ୍ୟା ବିଶିଷ୍ଟ ଉତ୍କଳ ହସପିଟାଲ ଚବିଶ ଘଣ୍ଟିଆ ସ୍ପେଶାଲିଷ୍ଟ ଯତ୍ନ ଯୋଗାଇ ଦେଉଛି ଏବଂ ଅବଷ୍ଟେଟ୍ରିକ୍ସ ଆଣ୍ଡ୍ ଗାଏନାକୋଲୋଜି (ଓ ଆଣ୍ଡ୍ ଜି), ମେଡିସିନ, ସର୍ଜରୀ, ଆନାସ୍ଥେସିଆ, ପେଡିଆଟ୍ରିକ୍ସ ଆଦି ବିଭାଗର ଅଭିଜ୍ଞ ଡାକ୍ତରଗଣ ତଥା ଅର୍ଥୋପେଡିକ୍ସ ଓ ଜେନେରାଲ ଫିଜିସିଆନ୍ ସର୍ଭିସେସ୍ ଏହାକୁ ସମର୍ଥନ ଯୋଗାଇ ଦେଉଛନ୍ତି । ଇଏନ୍‌ଟି, ଡେଣ୍ଟାଲ, ଡର୍ମାଟୋଲୋଜି ଏବଂ ଅର୍ଥୋପେଡିକ୍ସରେ ଭିଜିଟିଂ ସ୍ପେଶାଲିଷ୍ଟଗଣ ବହୁଶୃଙ୍ଖଳା ଚିକିତ୍ସା ବିଦ୍ୱତା ରୋଗୀମାନଙ୍କ ନିମନ୍ତେ ଉପଲବ୍ଧ ହେବା ସମର୍ଥ କରାଉଛନ୍ତି ।

ଏହି ପ୍ରୟାସସମୂହ ସମ୍ପର୍କରେ ମତ ଦେଇ ଶ୍ରୀ ରବି ମିଶ୍ର, ୟୁନିଟ୍ ହେଡ, ୟୁଏଆଇଏଲ୍ କହିଥିଲେ, "ସ୍ୱାସ୍ଥ୍ୟସେବା ହେଉଛି ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶର ଅନ୍ୟତମ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ପ୍ରୋଜେକ୍ଟ ଆରୋଗ୍ୟମ୍ ୦୧ ଜରିଆରେ ଉତ୍କଳ ହସପିଟାଲ ଦୁର୍ଗମ ଅଞ୍ଚଳଗୁଡିକରେ ବାସ କରୁଥିବା ଜନସାଧାରଣଙ୍କ ନିକଟରେ ଗୁଣାତ୍ମକ ଚିକିତ୍ସା ସୁବିଧା ପହଞ୍ଚାଇବା ସୁନିଶ୍ଚିତ କରୁଛି । ଆଧୁନିକ ନିଦାନ, ସ୍ପେଶାଲିଷ୍ଟ ଯତ୍ନ ଏବଂ ଜରୁରୀକାଳୀନ ସେବାଗୁଡିକ ଯୋଗାଇଦେଇ ଶେଷ-ମାଇଲ ସ୍ୱାସ୍ଥ୍ୟସେବା ଯୋଗାଣକୁ ସୁଦୃଢ଼ କରିବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି, ଯଦ୍ୱାରା ଦୂରତା ଓ ସୁବିଧା ଅଭାବରୁ ସମୟୋଚିତ ଚିକିତ୍ସାରୁ ଯେଭଳି କୌଣସି ବ୍ୟକ୍ତି ବଞ୍ଚିତ ନହେବେ ତାହା ନିଶ୍ଚିତ କରାଯାଉଛି ।" ସିଟି ସ୍କାନ୍, କମ୍ପ୍ୟୁଟେଡ ଏକ୍ସ-ରେ, ଏଣ୍ଡୋସ୍କପି ଏବଂ ମିନିମାଲି ଇନ୍‌ଭାସିଭ ଲାପାରୋସ୍କପିକ୍ ସର୍ଜରୀ ଆଦି ଆଧୁନିକ ଚିକିତ୍ସା ଭିତ୍ତିଭୂମି ଏବଂ ଉନ୍ନତ ରୋଗ ନିରୂପଣକାରୀ ସୁବିଧାରେ ସୁସଜ୍ଜିତ ଉତ୍କଳ ହସପିଟାଲ ବିପୁଳ ସମ୍ମାନ ସାଉଁଟୁଛି । ଏଠାରେ ଏକ ଲାବୋରୋଟୋରୀ ରହିଛି ଯେଉଁଠାରେ ହର୍‌ମୋନ, ବାୟୋକେମିଷ୍ଟ୍ରି, ସିବିସି ଏବଂ ଇଲେକ୍‌ଟ୍ରୋଲାଇଟ୍ ଆନାଲାଇଜରଗୁଡିକ ସଠିକ ରୋଗ ନିରୂପଣ ଏବଂ ସମୟୋଚିତ ଚିକିତ୍ସା ସମ୍ପର୍କିତ ନିଷ୍ପତ୍ତି ଗ୍ରହଣକୁ ସୁନିଶ୍ଚିତ କରାଉଛି । ଏସବୁ ସହିତ ଏକ ଆଧୁନିକ ଫିଜିଓଥେରାପି ୟୁନିଟ୍ ଅସ୍ତ୍ରପଚାର, ଆଘାତ, ଷ୍ଟ୍ରୋକ୍ ଏବଂ କ୍ରନିକ ମସ୍‌କ୍ୟୁଲୋସ୍କେଲିଟାଲ ପରିସ୍ଥିତିଗୁଡିକରୁ ଆରୋଗ୍ୟଲାଭ କରୁଥିବା ରୋଗୀମାନଙ୍କର ପୁନର୍ବାସକୁ ସମର୍ଥନ ଯୋଗାଇ ଦେଉଛି ଏବଂ ଏହାଦ୍ୱାରା ଆରୋଗ୍ୟକାରୀ ଫଳାଫଳ ତଥା ଜୀବନର ମାନରେ ଉଲ୍ଲେଖନୀୟ ଉନ୍ନତି ଘଟୁଛି । କୋଭିଡ-୧୯ ମହାମାରୀ ଏବଂ କାଶୀପୁର ବ୍ଲକ୍‌ରେ ୨୦୨୩ରେ ଡାଇରିଆ ସଂକ୍ରମଣ ସମେତ ଜଟିଳ ସ୍ୱାସ୍ଥ୍ୟଗତ ଚାଲେଞ୍ଜ ସମୟରେ ଉତ୍କଳ ହସପିଟାଲ ସମୟୋଚିତ ଚିକିତ୍ସା ଏବଂ ଉନ୍ନତ ସ୍ୱାସ୍ଥ୍ୟଗତ ଯତ୍ନ ଯୋଗାଇଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯାହାଦ୍ୱାରା ସ୍ଥାନୀୟ ଅଧିବାସୀମାନେ ଦୂର ସ୍ଥାନରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ନଯାଇ ଆଧୁନିକ ସ୍ୱାସ୍ଥ୍ୟଯତ୍ନ ସେବାଗୁଡିକର ସୁଯୋଗ ନେଇପାରିଥିଲେ ।

# ୧୫ ରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବେ ପାଲଲହଡା ବିଧାୟକ

ଅନୁଗୋଳ : ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ପାଲଲହଡା ବିଧାୟକ ଅଶୋକ ମହାନ୍ତି ୧୯୮୩ ମସିହା ରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ଛାତ୍ର ନେତା ଭାବେ କାର୍ଯ୍ୟ କରି ଆସିଛନ୍ତି । ପରବର୍ତ୍ତୀ ସମୟରେ ବିଜେପି ର ବହୁ ପଦ ପଦବୀ ରେ ରହି ସଂଗଠନ କୁ ସୁଦୃଢ଼ କରିଛନ୍ତି । ଅନୁଗୁଳ ଜିଲ୍ଲା ର ୩ ଥର ବିଜେପି ର ସଭାପତି ଭାବେ କାର୍ଯ୍ୟ କରି ବିଜେପି ସଂଗଠନ କୁ ମଜବୁତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପାଲଲହଡା ବିଧାୟକ ଭାବେ ନିର୍ବାଚିତ ହେବା ପରେ ବିଭିନ୍ନ କମିଟି ରେ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ସେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା ଦେବେନ୍ଦ୍ର ପ୍ରଧାନ ଙ୍କର ଆଦର୍ଶ ରେ ଅନୁପ୍ରାଣିତ ହୋଇ ଅନୁଗାମୀ ଭାବେ



ବହୁ ବର୍ଷ ଧରି କାର୍ଯ୍ୟ କରିଚ୍ଛନ୍ତି । ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କର ଘନିଷ୍ଠ ସହଯୋଗୀ । ତାଙ୍କୁ ରାଜ୍ୟ ସରକାର ଅନୁଗୁଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନ୍ୟସ୍ତ କରିଥିବାରୁ ସମଗ୍ର ଅଂଚଳ ରେ ତଥା ଜିଲ୍ଲାରେ ଖୁସିର ମାହୋଲ ଖେଳି ଯାଇଛି । ଶ୍ରୀଯୁକ୍ତ ମହାନ୍ତି ଆସନ୍ତା ଏପ୍ରିଲ ୧୫ ବୁଧବାର ଦିନ ସକାଳ ନଅ ଟାରେ ବିଧିବଦ୍ଧ ଭାବେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଯୋଜନା ବୋର୍ଡ ଅଧ୍ୟକ୍ଷ ଙ୍କ କାର୍ଯ୍ୟାଳୟ ରେ ଦାୟିତ୍ୱ ଗ୍ରହଣ କରିବେ ବୋଲି. ଜିଲ୍ଲା ମିଡ଼ିଆ ସେଲ ପକ୍ଷରୁ ପ୍ରକାଶ କରାଯାଇଛି ।

# ଜାତୀୟ ସ୍ତରରେ ହୋମିଓପ୍ୟାଥି ଚିକିତ୍ସା ବେଶ ଗୁରୁତ୍ୱ ବହନ କରିବ : ଡା. ନିରଞ୍ଜନ ମହାନ୍ତି

ନୂଆଦିଲ୍ଲୀ/ପାରାଦୀପ - ବିଶ୍ୱ ହୋମିଓପ୍ୟାଥି ଦିବସ ଅବସରରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ହୋମିଓପ୍ୟାଥିକ୍ ସୁଚିକିତ୍ସକ ତଥା ବେଶ ଅଭିଜ୍ଞତା ସମ୍ପନ୍ନ ଗବେଷକ ଡା.ନିରଞ୍ଜନ ମହାନ୍ତି ସୋରିଆସିସ୍ ରୋଗର ପରିଚାଳନା ବିଷୟରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଛନ୍ତି । ମାନ୍ୟଗଣ୍ୟ ଅତିଥି, ବରିଷ୍ଠ ଡାକ୍ତର, ଗବେଷକ ଓ ବିଦ୍ୱାନ ମାନଙ୍କ ଉପସ୍ଥିତିରେ ଡା.ମହାନ୍ତି କହିଥିଲେ ଯେ ବିଶ୍ୱରେ ସୋରିଆସିସ୍ ରୋଗୀଙ୍କ ସଂଖ୍ୟା କ୍ରମାଗତ ବଢିଚାଲିଛି । ଏହି ଚର୍ମରୋଗ ହୋମିଓପ୍ୟାଥି ଚିକିତ୍ସା ଦ୍ୱାରା ସୁରକ୍ଷିତ, ସାମଗ୍ରିକ ଏବଂ ପ୍ରଭାବଶାଳୀ ପଦ୍ଧତି ବୋଲି ସେ ମତ ଦେଇଥିଲେ । ନିଜର ଦୀର୍ଘ କ୍ଲିନିକାଲ୍ ଅଭିଜ୍ଞତା ଆଧାରରେ ଡା.ମହାନ୍ତି ନୂତନ ଚିକିତ୍ସା ପ୍ରୋଟୋକଲ୍ ଏବଂ କ୍ରନିକ୍ ତଥା ଜଟିଳ ମାମଲାର ସଫଳ ପରିଚାଳନା ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସେ କହିଥିଲେ, ହୋମିଓପ୍ୟାଥିରେ ରୋଗ ଅନୁଯାୟୀ ବ୍ୟକ୍ତିଗତ ଚିକିତ୍ସା ଏବଂ ବୈଜ୍ଞାନିକ ମାନ୍ୟତା ଅତ୍ୟନ୍ତ ଜରୁରୀ ବୋଲି କହିବାସହ ପାରମ୍ପରିକ ସିଦ୍ଧାନ୍ତକୁ ଆଧୁନିକ ଗବେଷଣା ସହିତ ଯୋଡିଲେ ସଫଳ ମିଳିଥାଏ ବୋଲି ଦୃଢୋକ୍ତିର ସହ କହିଥିଲେ । ଡା.ମହାନ୍ତିଙ୍କ ଅଜସ୍ୱିନୀ ଅଭିଭାଷଣ , ସ୍ୱଚ୍ଛତା ଓ ରୋଗର ପ୍ରତିକାର ଉପରେ



ଦେଇଥିବା ବିବୃତି ରେ ଉପସ୍ଥିତ ଶ୍ରୋତାମାନେ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଜାତୀୟ ସ୍ତରରେ ହୋମିଓପ୍ୟାଥିକୁ ପ୍ରୋତ୍ସାହିତ କରିବା ଦିଗରେ ଏହି କାର୍ଯ୍ୟକ୍ରମ ବେଶ ଗୁରୁତ୍ୱ ବହନ କରିବ ବୋଲି ଆୟୋଜକମାନେ କହିଥିଲାବେଳେ ଡା. ମହାନ୍ତି ପୂର୍ଣ୍ଣ ସମର୍ଥନ କରିଥିଲେ ।

# ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ କୁଶପୁତଳିକା ଦାହ

ଅନୁଗୋଳ ୧୧।୪ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସଂଧ୍ୟାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ଉଦ୍ଦେଶ୍ୟରେ ଅପମାନ ସୂଚକ ମନ୍ତବ୍ୟ ବିରୁଦ୍ଧରେ ବିକ୍ଷୋଭ ଓ କୁଶପୁତଳିକା ଦାହ ପାଇଁ ସ୍ଥାନୀୟ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରାରେ ବଜାରଛକ ଯାଏ ଶତାଧିକ କଂଗ୍ରେସ ନେତା ଓ କର୍ମୀ ବିଜେପି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ । ଆସାମ ମୁଖ୍ୟମନ୍ତ୍ରୀ ନିଜର ଆତ୍ମଗର୍ବକୁ ଲୋକ ମାନଙ୍କ ଆଗରେ ପରିପ୍ରକାଶ କରିବାକୁ ଯାଇ ନିଜର ହିତାହିତ ଜ୍ଞାନ ହରାଇ ବସିଛନ୍ତି । ସେ କେତେ ବେଳେ କାହାକୁ କଣ କହୁଛନ୍ତି, ସେ ଜାଣି ପାରୁ ନାହାଁନ୍ତି । ଭାରତୀୟ ରାଜନୀତିରେ ଜଣେ ସର୍ବମାନ୍ୟ ତଥା ତାଙ୍କ ପିତା ସଦୃଶ୍ୟ ବ୍ୟକ୍ତି ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ପ୍ରତି ନିଜର ଔଧତ୍ୟ ପ୍ରକାଶ କରି ତାଙ୍କୁ ଅପମାନ ସୂଚକ ଶବ୍ଦ ପ୍ରୟୋଗ କରିବା ଗଣତନ୍ତ୍ର ପ୍ରତି ପ୍ରତ୍ୟକ୍ଷ ଅପମାନ । ତାଙ୍କର ଏତାଦୃଶ ବ୍ୟବହାର ବିରୁଦ୍ଧରେ ସାରା ଭାରତବର୍ଷରେ ଏହାକୁ ବିରୋଧ କରାଯାଇଛି । ଆଜି ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାର ପ୍ରତିବାଦରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତଳିକା ଦାହ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା




ସର୍ବଶ୍ରୀ ଉମେଶ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂହ, ଚିତ୍ତ ରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ରଶ୍ମିରଞ୍ଜନ ସାହୁ, ଅଳକାରାଣୀ ମହାପାତ୍ର, ଅଳକା ମହାନ୍ତି, ମାନିନୀ ପ୍ରଧାନ, ଲିଲି ବେହେରା, ଅରୂପ ସାମଲ, ଚୌଧୁରୀ ନାଏକ, ଅଶୋକ ନାଏକ, ଅରୁଣ ଦାସ, ଅବିନାଶ ଦଳବେହେରା, ମନୋଜ ସାହୁ, ଜଗନ୍ନାଥ ବେହେରା, ଲଳିତ ରାଉତ ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ମୈନାକ ସାହିତ୍ୟ ସଂସଦ ପକ୍ଷରୁ କଥାକାର ସ୍ୱର୍ଗତ ସଦାନନ୍ଦ ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ପାରାଦୀପ - ପାରାଦୀପର ଅଗ୍ରଣୀ ପୁରାତନ ସାରସ୍ୱତ ଅନୁଷ୍ଠାନ ତରଫରୁ ସଂସଦର ସଭାପତି ଡ. ସନ୍ତୋଷ ସାମଲଙ୍କ ସଭାପତିତ୍ୱରେ ପାରାଦୀପ ସାକ୍ଷରତା ସମିତି ସଭାଗୃହରେ ସ୍ୱର୍ଗତ ତ୍ରିପାଠୀଙ୍କ ସାରସ୍ୱତ କୃତି ବିଷୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କାନମାସ ସମ୍ପାଦକ ଶ୍ରୀମନ ନାରୟଣ ମିଶ୍ର, ସାରସ୍ୱତ ପରିକ୍ରମା ର ସଭାନେତ୍ରୀ ଗୋଲାପ ରାଣୀ ସାହୁ, ପାରାଦ୍ୱୀପ ସାକ୍ଷରତା ସମିତି ସଂଯୋଜକ ଅଶୋକ ମହାପାତ୍ର, ଶ୍ରମିକ ନେତା ଅନନ୍ତ କୁମାର



ଦାସ, ମୋନାଲିସା ସାହିତ୍ୟ ସାଂସଦ ର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ, କବିୟତ୍ରୀ ଚୁନୀଲତା ବିଶ୍ୱାଳ,ପ୍ରେମଲତା ବାରିକ ଆରତୀ ଦାଶ, ନଳିନୀ ପ୍ରଭା ସାହୁ, ଧରିତ୍ରୀ ସାମଲ, ତୁଳସୀ ବରାଳ, କଳ୍ପନା ବେହେରାଙ୍କ ସମେତ ଅନେକ ସାହିତ୍ୟିକ ସ୍ୱର୍ଗତ ତ୍ରିପାଠୀଙ୍କ ସାମଗ୍ରିକ ସାହିତ୍ୟି କୃତି ଓ ଓଡ଼ିଆ ଗଳ୍ପ ସାହିତ୍ୟକୁ ତାଙ୍କର ପାରାଦ୍ୱୀପରେ ଅବସ୍ଥାନ ସମୟରେ ସାରସ୍ୱତ ସାଧନା ଓ ଅବଦାନ ଉପରେ ଆଲୋକପାତ କରିଥିଲେ । ଶେଷରେ ମୈନାକସାହିତ୍ୟ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଶୁଭାରମ୍ଭ

କୁକୁଡାଖଣ୍ଡି: ୧୨।୪ :ପ୍ରଚଣ୍ଡ ଖରା ଓ ବୃଦ୍ଧିଶୀଳ ଉଷ୍ଣତାକୁ ଆଖି ଆଗରେ ରଖି କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ସିହଳା ଗ୍ରାମ ପଞ୍ଚାୟତ ପକ୍ଷରୁ ଜନସାଧାରଣ ଙ୍କ ସୁବିଧା ପାଇଁ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ରବିବାର ଦିନ ଶୁଭାରମ୍ଭ କରାଯାଇଛି । ପଞ୍ଚାୟତ ପରିସରରେ ପ୍ରଥମଥର ପାଇଁ ସ୍ଥାପିତ ହୋଇଥିବା ଏହି ପାନୀୟ ଜଳ ଫ୍ରିଜର ଓ ଆକ୍ୱାଗାର୍ଡ ବ୍ୟବସ୍ଥା କୁ ସରପଞ୍ଚ ଗୌରୀ ଗୌଡ଼ ଙ୍କ



ତତ୍ତ୍ୱାବଧାନରେ ଲୋକାର୍ପଣ କରାଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧିକାରୀ ମହେନ୍ଦ୍ର ମଲ୍ଲିକ,ପ୍ରତାବ ପାଢ଼ୀ, ଲିଟୁ ପାତ୍ର,ମିତିକ ମଲ୍ଲିକ, ନୀର ଦାସ, ବିନୋଦିନୀ ଦାସ ସହ ଅନେକ ୱାର୍ଡ ମେମ୍ବର ଓ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ସେମାନେ ଏହି ପଦକ୍ଷେପକୁ ଲୋକ ହିତକାରୀ ବୋଲି କହିଥିଲେ ।

# ମାଲକାନଗିରିରୁ ୩ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ମନୋନୀତ

ମାଲକାନଗିରି:୧୧/୪ (ମନ୍ଥନ) ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ ମାଲକାନଗିରି ଜିଲ୍ଲାକୁ ଗୁରୁତ୍ୱ ଦେଇ ୩ ଜଣ ବରିଷ୍ଠ କର୍ମୀଙ୍କୁ ରାଜ୍ୟ ସ୍ତରରେ ସ୍ଥାନ ଦିଆଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଙ୍କ ଅନୁମୋଦନ କ୍ରମେ ସେମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ରାଜ୍ୟ କାର୍ଯ୍ୟକରାଣୀରେ ମନୋନୀତ କରାଯାଇଛି । ମନୋନୀତ ବ୍ୟକ୍ତିମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ନିମାଇଁ ପାଲ, ପୂର୍ବତନ ବିଧାୟକ ଡମ୍ବରୁ ଶୀଶା ଏବଂ ମହିଳା ମୋର୍ଚ୍ଚା ସଦସ୍ୟା ସନ୍ତୋଷୀନି ପାତ୍ର ଅନ୍ତର୍ଭୁକ୍ତ ଅଛନ୍ତି । ସେମାନଙ୍କୁ ରାଜ୍ୟ କାର୍ଯ୍ୟକରାଣୀ ସଦସ୍ୟ ତାଲିକାରେ ସ୍ଥାନ ମିଳିବାରୁ ଜିଲ୍ଲାରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି ।ଏହି ଅବସରରେ ମାଲକାନଗିରି ବିଜେପି କର୍ମୀମାନେ ନୂତନ ମନୋନୀତ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇଥିବା ସହ ରାଜ୍ୟ ନେତୃତ୍ୱଙ୍କୁ ଜିଲ୍ଲା ଉପରେ ଆସ୍ଥା ପ୍ରକାଶ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି ।

# ବିଷାକ୍ତ କ୍ଷୀର ଆଶଙ୍କା ରେ ୫୦ ରୁ ଉର୍ଦ୍ଧ୍ୱ ଚିକିତ୍ସିତ

ନବରଙ୍ଗପୁର,୧୧।୪(ନି.ପ୍ର.): ନବରଙ୍ଗପୁର ଜିଲ୍ଲା ଉମରକୋଟ ଉପ ଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା କୁକୁର କାମୁଡା ଭେକସିନ ନେବା ପାଇଁ ଲମ୍ବା ଲାଇନ ଲଗାଇ ଠିଆ ହୋଇଛନ୍ତି ପ୍ରାୟ ଚାଳିଶି ଜଣମହିଳା ପୁରୁଷ ଓ ଶିଶୁ । ଘଟଣା ଅନୁସାରେ ଉମରକୋଟ ମୁନିସିପାଲିଟି ଅନ୍ତର୍ଗତ ବାର ନମ୍ବର ୱାର୍ଡ ର ଗୋପାଳକ ସୁଶାନ୍ତ ରାୟ ଓ ଅସରୁ ରାୟ ଙ୍କ ଗାଈ କୁ କିଛିଦିନ ତଳେ କୁକୁର କାମୁଡି ଥିଲା, ଅସରୁ କିନ୍ତୁ ଏହି କଥା ଜାଣି ନଥିଲେ ସେହି ଗାଈ ଅସ୍ୱାଭାବିକ ଆଚରଣ ଦେଖି ସ୍ଥାନୀୟ ପଶୁ ଚିକିତ୍ସାଳୟ କୁ ଚିକିତ୍ସା ପାଇଁ ନେଇଥିଲେ ସେହିଠାରେ ଚିକିତ୍ସକ ଗାଈ ପାଗଳ ହେଇଥିବା କଥା କହିଥିଲେ ଓ ପାଗଳ କୁକୁର କାମୁଡା ଯୋଗୁଁ ଏହି ପରି ହୋଇଥିବା ସ୍ପଷ୍ଟ ହୋଇଥିଲା କିନ୍ତୁ ଗତ କାଲି ରାତିରେ ଏହି ପାଗଳ ପ୍ରାୟ ହେଉଥିବା ଗାଈ ଟି ମରି ଯାଇଥିଲା ଏହି ଖବର ପ୍ରଚାର ହେବା ପରେ ସେହି ଗାଈ ର କ୍ଷୀର ଖାଇଥିବା ପରିବାର ମଧ୍ୟରେ ଆତଙ୍କ ଖେଳି ଯାଇଛି ସମସ୍ତେ ଉମରକୋଟ ଉପ ଖଣ୍ଡ ସ୍ୱାସ୍ଥ କେନ୍ଦ୍ରରେ ଭେକସିନ ପାଇଁ ଲମ୍ବା ଲାଇନ ଲଗେଇଛନ୍ତି । ଗାଈ ମାଲିକ କୁକୁର କାମୁଡା ସମ୍ପର୍କ ରେ ଜାଣି ନଥିଲେ ଏଣୁ ସେ ନିୟମିତ



ଯାହା ଯାହା ପରିବାର କୁ କ୍ଷୀର ଯୋଗାଉ ଥିଲେ ସେହି ଘର ମାନଙ୍କରେ କ୍ଷୀର ଦେଇଥିଲେ କିଛି ପରିବାର କ୍ଷୀର କୁ ବ୍ୟବହାର ମଧ୍ୟ କରିଥିଲେ ।

# କୋଇଲା ପରିବହନକୁ ନେଇ ବଢୁଛି ଉତ୍ତେଜନା

ଅନୁଗୋଳ.୧୧।୪: ଛେଣ୍ଡିପଦା ନୈନି ଖଣିରୁ କୋଇଲା ପରିବହନକୁ ନେଇ ସ୍ଥିତି ଜଟିଳ ହେବାରେ ଲାଗିଛି । ଏହି ପ୍ରସଙ୍ଗରେ ସମସ୍ତ ବିଦ୍ୟାଳୟ ବନ୍ଦ କରିବାକୁ ସ୍ଥାନୀୟ ଅଭିଭାବକ ନିଷ୍ପତି ନେଇଛନ୍ତି । ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜିଠାରୁ ଗ୍ରାମର ୨ଟି ପ୍ରାଥମିକ ବିଦ୍ୟାଳୟ, ୨ଟି ଉଚ୍ଚବିଦ୍ୟାଳୟ ଓ ଗୋଟିଏ ଯୁକ୍ତ ୨ ମାଧ୍ୟମିକ ବିଦ୍ୟାଳୟ ବର୍ଜନ କରି ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗଣଧାରଣାରେ ବସିଛନ୍ତି । କୋଇଲା ପରିବହନ ହେଲେ ପ୍ରଦୂଷଣ ବୃଦ୍ଧି ଓ ଦୁର୍ଘଟଣା ଆଶଙ୍କା କରି କୌଶଳା ଗ୍ରାମବାସୀ ବର୍ଷ ? ହେବ ପ୍ରଶାସନ ନିକଟରେ ସ୍ୱତନ୍ତ୍ର କୋଇଲା ପରିବହନ ରାସ୍ତା ନିର୍ମାଣ ଦାବି କରିଆସୁଛନ୍ତି । କୋଶଳା ଗାଁ ରାସ୍ତାରେ କୋଇଲା ପରିବହନ ହେଲେ ଗ୍ରାମବାସୀଙ୍କ ଇଚ୍ଛାମୃତ୍ୟୁକୁ ମଞ୍ଜୁର କରିବାକୁ ରାଷ୍ଟ୍ରପତିଙ୍କ ନିକଟରେ ଆବେଦନ କରିଥିଲେ । ଗତ ୫ ତାରିଖରେ ଖଣିରୁ ତିନି ପର୍ଯ୍ୟାୟରେ ୭୦ଟି କୋଇଲା ବୋଝେଇ ଟ୍ରକ ଜରିଆରେ କୋଶଳା ଦେଇ କୋଇଲା ପରିବହନ ଉଦ୍ୟମ କରାଯାଇଥିଲା ।

ସେହି ଦିନଠାରୁ କୋଶଳା ଗ୍ରାମବାସୀ ରାତି ଉଜାଗର ରହି ଗଣଧାରଣା ଦେଇଛନ୍ତି । ଗଣଧାରଣା ଯୋଗୁଁ ଖଣିରୁ କୋଇଲା ବୋଝେଇ ଟ୍ରକ୍ କୋଶଳାରୁ ଫେରିଆସି ଛେଣ୍ଡିପଦାରେ ଅଟକି ରହିଥିଲା । ୨୭ ଦିନଧରି କୋଇଲା ବୋଝେଇ ଟ୍ରକ୍ ଅଟକି ରହିବା ପରେ ପାତ୍ରପଡ଼ା, ବୁଢ଼ାପାଳ ଦେଇ ପ୍ରାୟ ୨୦୦ କିମି ରାସ୍ତା ବୁଲି ହିନ୍ଦୋଳରୋଡ଼ରେ କୋଇଲା ଖାଲି କରିଥିଲେ । ଗାଁଗାଁରେ ରାତି ଉଜାଗର ରହି ଲୋକେ ରାସ୍ତାକଡ଼ରେ ଜଗି ରହୁଥିଲେ । ବିଭିନ୍ନ ଗ୍ରାମର କର୍ମକର୍ତ୍ତା କୋଶଳା ଗ୍ରାମବାସୀଙ୍କୁ ସମର୍ଥନ ଜଣେଇ ଗଣଧାରଣାରେ ସାମିଲ ହୋଇଥିଲେ । ୨୭ ଦିନ ଧରି କୋଇଲା ବୋଝେଇ ଟ୍ରକ୍ ଛିଡ଼ା ହୋଇ ରହିବାରୁ ଟ୍ରକ୍ ମାଲିକମାନେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛନ୍ତି । ଖଣିକୁ ଲକ୍ଷ୍ୟ ରଖି ଋଣରେ ଟ୍ରକ୍ ଆଣିଥିବା ଲୋକମାନଙ୍କ ଆର୍ଥିକ ସଙ୍କଟ ସୃଷ୍ଟି ହୋଇଛି । ଏହାର ସମାଧାନ ପାଇଁ ଗତ ୬ ତାରିଖରୁ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ଓ ପାଲ ଟଣା ଶ୍ରମିକ ସଂଘ ହରତାଳରେ ବସିଛନ୍ତି ।

ପ୍ରଶାସନ ପକ୍ଷରୁ କୋଶଳା ଗ୍ରାମବାସୀଙ୍କ ସହିତ ୬ଟି ପର୍ଯ୍ୟାୟରେ ଆଲୋଚନା କରିଥିଲେ ମଧ୍ୟ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ଦାବିରେ ଅଟଳ ରହିଥିବାରୁ ସମାଧାନ ହୋଇପାରି ନାହିଁ । ଏପଟେ ଟ୍ରକ୍ ମାଲିକ ସଂଘ ରାସ୍ତାରୋକ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛି । ଗତକାଲି ସନ୍ଧ୍ୟାରେ ସଂଘର ୧୩ଟି ଟ୍ରକରେ ପୁଣି କୋଇଲା ବୋଝେଇ କରି କୋଶଳା ଗାଁଦେଇ ପରିବହନ ଉଦ୍ୟମ ହୋଇଥିଲା । ତେବେ ଗଣଧାରଣା ଯୋଗୁଁ ପୁଣି ବିଫଳ ହୋଇଛନ୍ତି । କୋଶଳା ଗ୍ରାମର ୪୧ଜଣ କର୍ମକର୍ତ୍ତାଙ୍କୁ ଅନୁଗୁଳ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ପକ୍ଷରୁ ମାମଲା ରୁଜୁ କରାଯାଇ ଆସନ୍ତା ୧୬ ତାରିଖରେ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।କୋଇଲା ପରିବହନ ହୋଇପାରୁ ନ ଥିବାରୁ ଗୋଦାବରୀ କମଡିଟିଜ୍ ଲିମିଟେଡ୍ ଓ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ପକ୍ଷରୁ ରାଜ୍ୟ ସରକାର, ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି, ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲାପାଳ, ଏସ୍‌ପି, ଛେଣ୍ଡିପଦା ଥାନା ଆଇଆଇସି, ତାଳଚେର

ଉପ ଖଣି ନିର୍ଦ୍ଦେଶକ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନାଁରେ ଉଚ୍ଚନ୍ୟାୟାଳୟରେ ମାମଲା ରୁଜୁ କରାଯାଇଛି ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ